

● ମନୋରଞ୍ଜନ
କାହାଣୀରେ ଆସିବ ରୋମାଞ୍ଚକ ମୋଡ଼



ନିତିଦିନ NITIDIN
ନିଜର
ରବିବାର ମ୍ୟାଗାଜିନ୍ | ରବିବାର, ୨୮ ଜୁଲାଇ, ୨୦୨୪



# କାରଗିଲ ବିଜୟ ଦିବସ

**ମୋକ୍ଷ ପାଇଁ ନିଜ ଉପରେ ନିର୍ଭର କର। ଅନ୍ୟ ଉପରେ ନୁହେଁ।-ମହାତ୍ମା ଗୌତମ ବୁଦ୍ଧ**

# ବୁଦ୍ଧଦେବ ଓ ଚକ୍ଷୁପାଲ୍

ଥରେ ଭଗବାନ ବୁଦ୍ଧ ଜେତବନ ବିହାରରେ ରହୁଥିଲେ। ଭିକ୍ଷୁ ଚକ୍ଷୁପାଲ୍ ଭଗବାନଙ୍କ ସହିତ ସାକ୍ଷାତ କରିବାକୁ ଆସିଥିଲେ। ତାଙ୍କ ଆଗମନ ସହିତ ତାଙ୍କର ଦିନଚର୍ଯ୍ୟା, ବ୍ୟବହାର ଓ ଗୁଣଗୁଡ଼ିକର ଚର୍ଚ୍ଚା ମଧ୍ୟ ହେଉଥିଲା। ଭିକ୍ଷୁ ଚକ୍ଷୁପାଲ୍ ଅନ୍ଧ ଥିଲେ। ଦିନେ ବିହାର ସମୟରେ କିଛି ମରିଥିବା କୀଟଙ୍କୁ ଚକ୍ଷୁପାଲ୍‌ଙ୍କ କୁଟୀର ବାହାରେ ଦେଖିବାକୁ ମିଳିଥିଲା ଓ ସେ ଜୀବିତ ପ୍ରାଣୀମାନଙ୍କର ହତ୍ୟା କରୁଛନ୍ତି ବୋଲି ଅନ୍ୟ ଶିକ୍ଷ୍ୟମାନେ ଚକ୍ଷୁପାଲ୍‌ଙ୍କ ନିନ୍ଦା କରିବା ଆରମ୍ଭ କଲେ। ଭଗବାନ ବୁଦ୍ଧ ନିନ୍ଦା କରୁଥିବା ସେହି ଭିକ୍ଷୁମାନଙ୍କୁ ଡ଼ାକି କହିଲେ-ତୁମେମାନେ କ'ଣ ଚକ୍ଷୁପାଲ୍‌ଙ୍କୁ ହତ୍ୟା କରିଥିବାର ଦେଖିଥିଲ ? ସେମାନେ ଉତ୍ତର ଦେଇଥିଲେ-ନା। ଏହା ଉପରେ ଭଗବାନ ବୁଦ୍ଧ ସେହି ସାଧକମାନଙ୍କୁ କହିଲେ-ତୁମେମାନେ ଯେପରି କୀଟଗୁଡ଼ିକୁ ଚକ୍ଷୁପାଲ୍ ମାରିବାର ଦେଖି ନଥିଲ ସେହିପରି ଚକ୍ଷୁପାଲ୍ ମଧ୍ୟ କୀଟମାନଙ୍କୁ ମରିବାର ଦେଖି ନାହାନ୍ତି। ସେ କୀଟମାନଙ୍କୁ ଜାଣିଶୁଣି ମାରି ନାହାନ୍ତି ତେଣୁ ତାଙ୍କୁ ଭର୍ତ୍ସନା କରିବା ବନ୍ଦ କରିଦିଅ। ଏହାପରେ ଭିକ୍ଷୁମାନେ ପଚାରିଲେ-ଚକ୍ଷୁପାଲ୍ ଅନ୍ଧ ହେବାର କାରଣ କ'ଣ ? ସେ ଏହି ଜନ୍ମରେ କିମ୍ବା ପଛ ଜନ୍ମରେ କିଛି ପାପ କରିଥିବେ।

ଭଗବାନ ବୁଦ୍ଧ ଚକ୍ଷୁପାଲ୍‌ଙ୍କ ସମ୍ପର୍କରେ କହିଲେ-ପୂର୍ବ ଜନ୍ମରେ ସେ ଜଣେ ଚିକିତ୍ସକ ଥିଲେ। ଜଣେ ଅନ୍ଧ ସ୍ତ୍ରୀ ତାଙ୍କୁ କହିଥିଲା ଯେ ଯଦି ସେ ତାଙ୍କ ଆଖିକୁ ଠିକ୍ କରିଦେବେ ତେବେ ତାଙ୍କ ପରିବାର ଚକ୍ଷୁପାଲ୍‌ଙ୍କର ଦାସ ହୋଇ ରହିବେ। ସ୍ତ୍ରୀ ଲୋକଟିର ଆଖି ଠିକ୍ ହୋଇଗଲା। କିନ୍ତୁ ସେ ଦାସୀ ହେବା ଭୟରେ ତା'ର ଆଖି ଠିକ୍ ହୋଇ ନଥିବା କଥା ମାନିଲା ନାହିଁ। ଚିକିତ୍ସକ ଜଣକ କିନ୍ତୁ ଜାଣିଥିଲେ ଯେ ସ୍ତ୍ରୀ ଲୋକଟିର ଆଖି ଠିକ୍ ହୋଇଯାଇଛି। ସେ ମିଛ କହୁଛି। ସେହି ସ୍ତ୍ରୀ ଲୋକଟିକୁ ଶିକ୍ଷା ଦେବା ପାଇଁ ବା ପ୍ରତିଶୋଧ ନେବା ପାଇଁ ଚକ୍ଷୁପାଲ୍ ଆଉ ଏକ ଔଷଧ ଦେଲେ ଯେଉଁ ଔଷଧରେ ମହିଳା ଜଣକ ପୁଣି ଥରେ ଅନ୍ଧ ହୋଇଗଲା। ସେ କେତେ ବି କନ୍ଦାକଟା କଲେ ମଧ୍ୟ ଚକ୍ଷୁପାଲ୍ ଆଉ ତା' କଥା ଶୁଣିଲେ ନାହିଁ। ଏହି ପାପର ଫଳସ୍ୱରୂପ ପରବର୍ତ୍ତୀ ଜନ୍ମ ଅର୍ଥାତ ଏ ଜନ୍ମରେ ଚକ୍ଷୁପାଲ୍ ବା ଚିକିତ୍ସକ ଜଣକୁ ଅନ୍ଧ ହେବାକୁ ପଡ଼ିଲା।



**ଶିକ୍ଷା-ମଣିଷ ଯେପରି ଚିନ୍ତା କରେ ସେହିପରି ହୋଇଯାଏ। କୌଣସି ମଣିଷ ଖରାପ ଚିନ୍ତା କରିବା ସହିତ ଯଦି ଖରାପ କାମ କରୁଥାଏ ତେବେ ତାକୁ କଷ୍ଟ ମିଳିଥାଏ। ସେହିପରି ଯଦି କୌଣସି ବ୍ୟକ୍ତି ଶୁଦ୍ଧ ବିଚାରଗୁଡ଼ିକ ସହିତ କଥା କହେ ବା କାମ କରେ ତେବେ ଜୀବନରେ ତାକୁ ଖୁସି ମିଳିଥାଏ।**

# କାମଦା ଏକାଦଶୀ

**ଗୋପୀନାଥ ଦାଶ**

ଶ୍ରାବଣ ହେଉଛି ଭଗବାନ ଶିବଙ୍କ ମାସ । ଏହି ମାସରେ ଜପ, ତପ, ବ୍ରତ, ଧ୍ୟାନର ଫଳ ଭଗବାନ ଶିବ ଦେଇଥାନ୍ତି । ଏହି ମାସରେ ଦିବ୍ୟ ସଂଯୋଗ ଆଣିଛି ମଙ୍ଗଳବାର ପଡୁଥିବା କାମିକା ଏକାଦଶୀ । ଶ୍ରାବଣ ମାସ କୃଷ୍ଣ ପକ୍ଷର କାମିକା ଏକାଦଶୀ ସର୍ବ ପାପ ହରଣକାରୀ ଓ ସର୍ବ ସୁଖ ପ୍ରଦାୟକ ଅଟେ । ମନୁଷ୍ୟର ସମସ୍ତ କାମନା ପୂର୍ତ୍ତି କରିବା ହେତୁ ଏହାର ନାମ କାମିକା ହୋଇଛି । ଏହାର ପ୍ରଭାବରେ ଜୀବର ସମସ୍ତ ପାପ ନାଶ ହୋଇଯାଏ । ସଂସାରର ସବୁ ସୁଖ ଭୋଗ କରି ଅନ୍ତ କାଳରେ ସେ ପରମଧାମ ପ୍ରାପ୍ତି ହୁଏ। ଶ୍ରାବଣ କୃଷ୍ଣ ପକ୍ଷରେ ପଡୁଥିବା ଏହି ଏକାଦଶୀକୁ କାମଦା ଏକାଦଶୀ ବୋଲି ମଧ୍ୟ କୁହାଯାଇଥାଏ । ଏଥର ଦେବୀ ପାର୍ବତୀଙ୍କ ପ୍ରିୟ ଶ୍ରାବଣ ମଙ୍ଗଳବାର ଏହି ଏକାଦଶୀ ପଡୁଛି। ଏଣୁ ଏଥର ଏକାଦଶୀ ବ୍ରତଧାରୀ ମାନେ ଭଗବାନ ବିଷ୍ଣୁ, ଶିବ ଏବଂ ପାର୍ବତୀଙ୍କ କୃପା ଲାଭ କରିବାର ସୁଯୋଗ ପାଇବେ। ପଦ୍ମପୁରାଣରେ ବର୍ଣ୍ଣନା ରହିଛି ଯେ କାମିକା ଏକାଦଶୀ କରୁଥିବା ବ୍ୟକ୍ତି ପୃଥିବୀ ଦାନ ସମାନ ପୁଣ୍ୟ ଲାଭ କରିଥାଏ । ଏହି ଏକାଦଶୀ ବ୍ରତ ଦ୍ୱାରା ବାଜପେୟ ଯଜ୍ଞ ସମାନ ଫଳ ମିଳିଥାଏ ବୋଲି ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ଦିନ ମନ ଲଗାଇ ଭଗବାନ ବିଷ୍ଣୁଙ୍କୁ ପୂଜା କଲେ ସମସ୍ତ ପାପ କ୍ଷୟ ହେବା ସହ ମୃତ୍ୟୁ ପରେ ଉତ୍ତମ ଲୋକ ପ୍ରାପ୍ତି ହୋଇଥାଏ । ତୁଳସୀ ଦାନ ଏବଂ ଦୀପ ଜଳାଇ ବିଷ୍ଣୁଙ୍କୁ ପୂଜା କଲେ ବ୍ରତଧାରୀର ପିତୃପୁରୁଷ ପିତରଲୋକରେ ଆନନ୍ଦ ଲାଭ କରିଥାନ୍ତି । ପ୍ରାଚୀନ କାଳରେ ଜଣେ ଜମିଦାର ରହୁଥିଲେ । ଥରେ ତାଙ୍କର ଜଣେ ବ୍ରାହ୍ମଣଙ୍କ ସହ ଝଗଡ଼ା ହୋଇ ବ୍ରାହ୍ମଣଙ୍କୁ ହତ୍ୟା କଲେ । ପରେ ନିଜ କୃତକର୍ମ ପାଇଁ ଜମିଦାର ଲଜ୍ଜିତ ହେଲେ । ନିଜ ପାପ ଖଣ୍ଡନ ପାଇଁ ସେ ବ୍ରାହ୍ମଣଙ୍କ କ୍ରିୟାକର୍ମ କରିବାକୁ ଚାହିଁଲେ । ମାତ୍ର କେହି ପଣ୍ଡିତ ରାଜିହେଲେ ନାହିଁ । ଜମିଦାର ବ୍ରହ୍ମହତ୍ୟାରେ ଦୋଷୀ ହୋଇ ଅକଥନୀୟ ଯନ୍ତ୍ରଣା ଭୋଗିଲେ । ଦିନେ ଜମିଦାର ଜଣେ ମୁନିଙ୍କୁ ଭେଟିଲେ । ମୁନିଙ୍କୁ ନିଜ ସମସ୍ୟା ଜଣାଇବା ପରେ ସେ ଜମିଦାରଙ୍କୁ କାମିକା ଏକାଦଶୀ ବ୍ରତ କରିବାକୁ କହିଲେ । ଜମିଦାର କାମିକା ଏକାଦଶୀ ବ୍ରତ ବିଧିପୂର୍ବକ କଲେ । ସେହିଦିନ ରାତିରେ ଜମିଦାର ଶୋଇଥିବା ବେଳେ ଭଗବାନ ବିଷ୍ଣୁ ତାଙ୍କ ସ୍ୱପ୍ନରେ ଆସି ତାଙ୍କର ସମସ୍ତ ପାପ ଧୋଇ ଦେଇଥିବା କହିଥିଲେ ।

ଏହି ବ୍ରତରେ ତୁଳସୀ ଓ ତୁଳସୀ ମଞ୍ଜରୀର ବିଶେଷ ମହତ୍ତ୍ୱ ରହିଛି । ତୁଳସୀ ଭଗବାନଙ୍କର ଅତି ପ୍ରିୟ । ସେହିପରି ତୁଳସୀ ମଞ୍ଜରୀରେ ପୂଜା କଲେ ମନୁଷ୍ୟର ଜନ୍ମ-ଜନ୍ମାନ୍ତର ପାତକ ନାଶ ହୁଏ । ତାହା କୌଣସି ଗଛ ନୁହେଁ, ସାକ୍ଷାତ ଭଗବାନଙ୍କ ଦର୍ଶନ । ପ୍ରତ୍ୟେକ କର୍ମକାଣ୍ଡରେ ତୁଳସୀର ଉପସ୍ଥିତି ଉତ୍ତମ ଅଟେ । ଯେଉଁଠି ତୁଳସୀ ଗଛ ଥାଏ, ସେଠାରେ ବ୍ରହ୍ମା, ବିଷ୍ଣୁ ମହେଶଙ୍କ ସମେତ ସମସ୍ତ ଦେବତା ବାସ କରନ୍ତି । ପଦ୍ମପୁରାଣ ଅନୁସାରେ ତୁଳସୀର ମହିମା ଅପାର । ତାର ଦର୍ଶନ ମାତ୍ରକେ ସମସ୍ତ ପାପ ଧୌତ ହୁଏ । ସ୍ପର୍ଶ କଲେ ଶରୀର ପବିତ୍ର ହୋଇଯାଏ । ପ୍ରଣାମ କଲେ ରୋଗ ନିବାରଣ ହୋଇଥାଏ । ଜଳରେ ସିଞ୍ଚନ କଲେ ଯମରାଜଙ୍କ ଭୟ ଦୂର ହୁଏ । ରୋପଣ କଲେ ତାହା ପ୍ରଭୁଙ୍କ ସମୀପ ନେଇଯାଏ । ଭକ୍ତର ଧନସମ୍ପତ୍ତି ନୁହେଁ, ନିଷ୍କାମ ଭକ୍ତିକୁ ପ୍ରଭୁ ପରଖନ୍ତି । ଯଦି କୌଣସି ବ୍ୟକ୍ତି ବିଶେଷ କାମନାରେ ପ୍ରଭୁଙ୍କ ବ୍ରତ କରେ, ଭଗବାନ ସେ ଇଚ୍ଛା ମଧ୍ୟ ତାର ତୁରନ୍ତ ପୂରଣ କରନ୍ତି । ପାପ ରୂପୀ ପଙ୍କରେ ବୁଡ଼ିଥିବା ପ୍ରାଣୀକୁ ତାରିବା ପାଇଁ ଏହି ବ୍ରତ ଶ୍ରେଷ୍ଠ । ଗଙ୍ଗା, କାଶୀ, ନୈମିଷାରଣ୍ୟ ଏବଂ ପୁଷ୍କର ତୀର୍ଥରେ କରାଯାଇଥିବା ସ୍ନାନ ଓ ପୂଜନରୁ ମିଳିଥିବା ଦୁର୍ଲ୍ଲଭ ଫଳ ଏହି ବ୍ରତରେ ପ୍ରାପ୍ତି ହୋଇଥାଏ । ପୃଥିବୀ ଏବଂ ଦୁଗ୍ଧ ପ୍ରଦାନକାରିଣୀ ଗାଈକୁ ଆଭୂଷଣରେ ସଜ୍ଜିତ କରି ଦାନ କରିବା ସମାନ ଏହି ବ୍ରତର ପୁଣ୍ୟଫଳ ରହିଛି ।

**ବରଦା, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୮୮୯୫୨୯୬୧୬୭**



■ ମୁଖ୍ୟ ପ୍ରସଙ୍ଗ



# କାରଗିଲ ବିଜୟ ଦିବସ


ଚିତ୍ତରଞ୍ଜନ ମହାପାତ୍ର

**୧୯୯୯ ମସିହା ଜୁଲାଇ ମାସ ୨୬ ତାରିଖ, ଅର୍ଥାତ୍ କାରଗିଲ ବିଜୟ ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଭାରତୀୟ ସେନାର ଶୌର୍ଯ୍ୟ, ପରାକ୍ରମ, ବିଜୟଗାଥା ତଥା ବଳିଦାନ ପ୍ରତି କୃତଜ୍ଞତା ଜ୍ଞାପନ, ସମ୍ମାନ ପ୍ରଦର୍ଶନ ଏବଂ ଗୋଟିଏ ସମର୍ଥ ରାଷ୍ଟ୍ରର ନାଗରିକ ହେବାର ଅପରିମିତ ଗୌରବବୋଧକୁ ସ୍ମରଣ କରିବାର ଦିବସ । ଭାରତୀୟ ସେନାର ବୀର ସୈନିକମାନେ ପାକିସ୍ତାନର କୁଚକ୍ରାନ୍ତ, ଫମ୍ପା ଦୁଃସାହସ ଏବଂ ଭାରତର ଗୋଟିଏ ଅଂଶକୁ ଅକ୍ତିଆର କରିବାର ଦିବାସ୍ୱପ୍ନକୁ ପାଦରେ ଦଳି ୧୬,୬୦୮ ଫୁଟ ଉଚ୍ଚ କାରଗିଲ ଶିଖରରେ ଭାରତର ବିଜୟ ଧ୍ୱଜ ଲହରାଇଥିଲେ ଓ ଭାରତ ପାକିସ୍ତାନ ନିୟନ୍ତ୍ରଣ ରେଖା ସଂଲଗ୍ନ କାରଗିଲ ପାହାଡକୁ ଅଧିକାର କରିଥିବା ଆତଙ୍କବାଦୀଙ୍କୁ ତଥା ଦେଶକୁ ପ୍ରବେଶ କରିଥିବା ପାକିସ୍ତାନ ସୈନିକମାନଙ୍କୁ ମାରି ବିତାଡିତ କରି ଦେଶର ସମ୍ମାନକୁ ଅକ୍ଷୁଣ୍ଣ ରଖିଥିଲେ । ଯାହାଫଳରେ ସମଗ୍ର ବିଶ୍ୱ ଭାରତର ପରାକ୍ରମକୁ ହୃଦୟଙ୍ଗମ କଲା ଏବଂ ପରମାଣୁ ଆକ୍ରମଣ ଭଳି ଗମ୍ଭୀର ସଙ୍କଟ ନେଇ ଭାରତବର୍ଷକୁ ଆଉ ଭୟଭୀତ କରାଯାଇ ପାରିବ ନାହିଁ ବୋଲି ବିଶ୍ୱାସ କଲା । କାରଣ ଭାରତ ଏପରି ଗୋଟିଏ ଦେଶ ଯେ କି ନିଜ ଏକତା ଓ ଅଖଣ୍ଡତାର ରକ୍ଷା ପାଇଁ ବିଶ୍ୱର ଯେ କୌଣସି ମହାଶକ୍ତି ଆଗରେ ଆଦୌ ପ୍ରଭାବିତ ହୋଇନଥାଏ ଓ ନଇଁ ନଥାଏ ।**




ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଇଂରେଜ ସରକାର ବିଭାଜନର ମଞ୍ଜି ବୁଣି ଚାଲିଥିଲେ, ଯାହାର ପରିଣାମ ଥିଲା ଭାରତର ବିଭାଜନ । ଦେଶ ବିଭାଜନ ସତ୍ତ୍ୱେ ବି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୂରଦର୍ଶୀ ନୀତି ଯୋଗୁ ୫୬୨ଟି ଦେଶୀୟ ରାଜ୍ୟ ଭାରତ ସହ ମିଶିଥିଲେ ମଧ୍ୟ କେବଳ 'କାଶ୍ମୀର' ରାଜ୍ୟର ମିଶ୍ରଣ ହିଁ ନେହେରୁଙ୍କ ତୁଷ୍ଟୀକରଣ ନୀତି ଯୋଗୁଁ ଧୂମିଳ ହୋଇ ରହିଥିଲା । ୧୯୪୭ ଅକ୍ଟୋବର ୨୬ ତାରିଖରେ ରାଜା ହରି ସିଂହ ଜାମ୍ମୁ କାଶ୍ମୀରର ଅଧିମିଳନ ଭାରତ ସହ କରିଦେଇଥିଲେ ଏବଂ ଠିକ୍ ତା' ପରଦିନ ଏହାକୁ ମାଉଣ୍ଟବେଟେନ ସ୍ୱୀକାର କରିନେଇଥିଲେ; ଯାହାକି ପାକିସ୍ତାନର କାଶ୍ମୀରକୁ ହାତେଇବାର ସ୍ୱପ୍ନରେ ପାଣି ପକାଇ ଦେଇଥିଲା । ହରି ସିଂହ ଜାମ୍ମୁ କାଶ୍ମୀରକୁ ଭାରତରେ ଅଧିମିଳନ କରିବେ ବୋଲି ସୂଚନା ପାଇବା ପରେ ହିଁ ୧୯୪୭ ଅକ୍ଟୋବର ୨୨ ତାରିଖରେ ପାକିସ୍ତାନ ଭାରତ ଉପରେ ପ୍ରଥମ ଆକ୍ରମଣ ଆରମ୍ଭ କରିଥିଲା । ଅଧିମିଳନ ପରେ ଭାରତୀୟ ସେନା ସେଠାରେ ପହଞ୍ଚିବା ବେଳକୁ ରାଜ୍ୟର ଏକ ବିରାଟ ଭୂଖଣ୍ଡ ପାକିସ୍ତାନର ଅବୈଧ ନିୟନ୍ତ୍ରଣକୁ ଆସିଯାଇଥିଲା, ତାହାକୁ ଆମେ ଚଙକ (ଚବଲସଜ୍ୱଖବଭ ଙମମଙ୍କକ୍ସବସରୟ କବଜ୍ୱଷଙ୍କସକ୍ସ) କହୁଛେ । ସେଥିରୁ ଅନେକ ଅଂଶକୁ ଭାରତୀୟ ସେନା ପାକିସ୍ତାନ କବଳରୁ ମୁକ୍ତ କରିଥିଲେ । ହେଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ବ୍ରିଟିଶ ଅଧିକାରୀଙ୍କ କଥାରେ ୧୯୪୮ ଡିସେମ୍ବର ୩୧ରେ ଉକ୍ତ ମାମଲାକୁ ମିଳିତ ଜାତିସଂଘକୁ ନେଇଯାଇଥିଲେ । ଫଳରେ ଜାମ୍ମୁ କାଶ୍ମୀରର ବଡ ଭୂଖଣ୍ଡ (ମୀରପୁର, ଭିମ୍ବର, କୋଟଲୀ, ବାଘ, ମୁଜାଫରବାଦ, ଗିଲଗିଟ୍, ବାଲଟିସ୍ତାନ ଆଦି କ୍ଷେତ୍ର ସେଥିରେ ଅନ୍ତର୍ଭୁକ୍ତ । ଆଜି ପାକିସ୍ତାନ ଅଧିକୃତ କାଶ୍ମୀର ଭାବେ ଜଣାଯାଏ ।

୯୦ ଦଶକରେ ଜାବେଦ୍ ଅବ୍‌ବାସ ନାମକ ଜଣେ ପାକିସ୍ତାନୀ ସେନା ଅଧିକାରୀ ଥିଲା । ଯେତେବେଳେ ସେ ଅଫିସର କ୍ୟାମ୍ପ ଏଣ୍ଡ ଷ୍ଟାଫ୍ କଲେଜରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀରେ ଥିଲା, ସେତେବେଳେ ସେ ଗୋଟିଏ ରିସର୍ଚ୍ଚ କାମକୁ ତିନିବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିଥିଲା । ଉକ୍ତ ରିସର୍ଚ୍ଚ ପ୍ରୋଜେକ୍ଟର ଶୀର୍ଷକ ଥିଲା, "ଓଭୟସବ-ଇ ଜ୍ୱଖଙ୍କୟଛ କ୍ଟଭ ଚକ୍ସବକ୍ଟଲସକ୍ଷର" ଏହି ଅଧ୍ୟୟନର ରିପୋର୍ଟ ଅନୁଯାୟୀ ପାକିସ୍ତାନୀ ସେନାଙ୍କ ଧାରଣା ଯେ ଭାରତର ସବୁବେଳେ ନିଜସ୍ୱ ସମସ୍ୟା ରହିଛି । ଉକ୍ତ ପରିସ୍ଥିତିର ଫାଇଦା ଉଠାଇ ଭାରତର ବିଶାଳ ଓ ଶକ୍ତିଶାଳୀ ସେନାକୁ ନିୟନ୍ତ୍ରଣ କରାଯାଇପାରେ । ଯଦିଓ ଏହି ଅଧ୍ୟୟନର ରିପୋର୍ଟ ୧୯୯୦ରେ ପ୍ରକାଶିତ ହୋଇଥିଲା, ହେଲେ ତା' ପୂର୍ବରୁ ପାକିସ୍ତାନୀ ସେନାର ମନୋସ୍ଥିତି ମଧ୍ୟ ତଦନୁରୂପ ଥିଲା ।





୧୯୪୭ ପରଠାରୁ ପାକିସ୍ତାନୀ ସେନା ଜାମ୍ମୁକାଶ୍ମୀରକୁ ନିଜର ଅସମ୍ପୂର୍ଣ୍ଣ ଏଜେଣ୍ଡା ମଣି ସେଠାରେ କିଛି ନା କିଛି ସମସ୍ୟା ଉତ୍ପନ୍ନ କରିବାକୁ ଚେଷ୍ଟା ଚଳାଇ ଆସୁଛି। ଆୟୁବ ଖାନ୍ ପାକିସ୍ତାନୀ ସେନାର ପ୍ରଥମ ଜେନେରାଲ ଥିଲା, ସିକନ୍ଦର ମିର୍ଜାଙ୍କୁ କ୍ଷମତାରୁ ହଟାଇ ପାକିସ୍ତାନ ଶାସନ ନିଜ ହାତକୁ ନେଇଥିଲା। ସେ ଭାରତୀୟଙ୍କୁ ବେମାରଗ୍ରସ୍ତ ଭାବୁଥିଲା। ତା' ମତରେ ଭାରତୀୟମାନେ ଦୁର୍ବଳ, ତାଙ୍କ ମନୋବଳ ମଧ୍ୟ ଏମିତି ଯେ ସେ ଦୃଢ଼ ଆଘାତ ସହ୍ୟ କରିପାରିବେନି। ଏହି ଧାରଣାରେ ସେ ଭାରତ ଉପରକୁ ଆକ୍ରମଣ କରିଥିଲା। ତତ୍କାଳୀନ ପାକିସ୍ତାନୀ ବିଦେଶମନ୍ତ୍ରୀ ଜୁଲଫିକର ଅଲ୍ଲୀ ଭୁଟୋ ଆୟୁବ ଖାନ୍‌କୁ ବିଶ୍ୱାସ ଦେଇଥିଲା ଯେ ଭାରତ ଅନ୍ତଃରାଷ୍ଟ୍ରୀୟ ସୀମା ଉପରେ ଆଦୌ ଆକ୍ରମଣ କରିବ ନାହିଁ। ଏହାକୁ ସତ୍ୟ ମଣି ଆୟୁବ ଓ ତା'ର ସେନା ଏତେ ଖାମଖିଆଲ ଥିଲା ଯେ ୧୯୬୫ ସେପ୍ଟେମ୍ବର ୩ ତାରିଖରେ ଯେତେବେଳେ ଭାରତୀୟ ସେନା ଲାହୋରର ବାହାର ଅଞ୍ଚଳ ପର୍ଯ୍ୟନ୍ତ ପହଞ୍ଚିଯାଇଥିଲା, ସେତେବେଳେ ପାକିସ୍ତାନୀ ସେନାର ସୈନିକମାନେ ସକାଳର ନିତ୍ୟ ପ୍ରତିଦିନର ବ୍ୟାୟାମ ଅଭ୍ୟାସ ଚଳାଇଥିଲେ; ଯାହାକୁ ଲକ୍ଷ୍ୟକରି ଆୟୁବ ଖାନ୍ କ୍ୟାବିନେଟ୍ ବୈଠକରେ କହିଥିଲା ଯେ, ସେ ୫ମିଲିୟନ କାଶ୍ମୀରୀଙ୍କ ପାଇଁ ପାକିସ୍ତାନର ୧୦୦ ମିଲିୟନ ଲୋକଙ୍କ ଜୀବନକୁ ବାଜି ଲଗାଇବ ନାହିଁ। ଏହା ଥିଲା ପାକିସ୍ତାନ ସେନାକୁ ଭାରତୀୟ ସେନାଙ୍କ କଡା ଜବାବ। ଠିକ୍ ସେହିପରି ୟାହିୟା ଖାନ୍ ମଧ୍ୟ ୧୯୭୧ରେ ଭାରତ ଆକ୍ରମଣ କରିଥିଲା। ତାକୁ କୌଣସି ଜ୍ୟୋତିଷ କହିଥିଲା ଯେ ଆଗାମୀ ୧୦ ବର୍ଷ ଯାଏଁ ସେ ପାକିସ୍ତାନର ମୁଖ୍ୟ ଶାସନ ଅଧିକାରୀ ହୋଇ ରହିବ। ସେହି ଆତ୍ମପ୍ରଶଂସାରେ ବିଭୋର ହୋଇ ତା'ର ସେନା ଯେତେବେଳେ ଭାରତ ଆକ୍ରମଣ ପାଇ ବାହାରିଲେ ସେତେବେଳେ ତାକୁ ପ୍ରଶ୍ନ କରାଯାଇଥିଲା ଯେ 'ତୁମେ ଭାରତର ସେନାଙ୍କୁ କିପରି ସାମ୍ନା କରିବ?' ତା'ର ଉତ୍ତର ଥିଲା, 'ମୁସଲମାନ ଆକ୍ରାନ୍ତାଙ୍କ ଐତିହାସିକ ବିଜୟର ବଳରେ ଆମେ ଭାରତକୁ ସହଜରେ ଜିତିପାରିବୁ, ଏଭଳି ଭାବେ ଭାରତୀୟ ସେନା ପୂର୍ବ ପାକିସ୍ତାନ ଉପରେ ଆକ୍ରମଣ କଲା ସମୟରେ ଜଣେ ତତ୍ତ୍ୱହୀନ ରାଷ୍ଟ୍ରପତି ମନ୍ତବ୍ୟ ଦେଇଥିଲେ- ମୁଁ ପୂର୍ବ ପାକିସ୍ତାନ ପାଇଁ କ'ଣ କରିପାରିବି ? କେବଳ ପ୍ରାର୍ଥନା ହିଁ କରିପାରିବି।

କ୍ଷମତାର ନିଶାରେ ଥିବା ପାକିସ୍ତାନୀ ସେନାଙ୍କ ସ୍ଥିତି ଏପରି ଥିଲା ଯେ ଜଣେ ପାକିସ୍ତାନୀ ନେଭାଲ ଚିଫ୍‌କୁ ପାକିସ୍ତାନୀ ଏୟାର ଷ୍ଟ୍ରାଇକ ବିଷୟ ସମ୍ବନ୍ଧରେ ପାକିସ୍ତାନୀ ରେଡିଓରୁ ଜ୍ଞାତ ହୋଇଥିଲା, ତାହା ପୁଣି ସେ ସକାଳେ ନିଜ କାମକୁ ବାହାରିବା ସମୟରେ। ଲେଫ୍ଟନାଣ୍ଟ ଜେନେରାଲ ଏ.କେ ନିୟାଜୀଙ୍କୁ ମଧ୍ୟ ସେହି ଏୟାର ଷ୍ଟ୍ରାଇକ୍ ସମ୍ବନ୍ଧରେ ବି.ବି.ସି ୱାର୍ଲଡ ସର୍ଭିସ ଶୁଣିବା ବେଳେ ଜଣାପଡିଥିଲା ୟାହିୟା ଖାନ୍ ସେତେବେଳେ କହିଥିଲା, "ସେ ବଙ୍ଗାଳୀଙ୍କ ପାଇଁ ପଶ୍ଚିମ ପାକିସ୍ତାନକୁ ଅସୁବିଧାରେ ପକାଇବ ନାହିଁ ।" ଏହା ଥିଲା କାଶ୍ମୀରର ଦୁଇଜଣ ଅଦୂରଦର୍ଶୀ ସେନାମୁଖ୍ୟଙ୍କ ଭାରତୀୟ ସେନାଙ୍କ ନେଇ ମିଥ୍ୟାବଧାରଣା।

ଏହିପରି ଭାବେ ଭାରତୀୟ ସେନାଙ୍କ ସାହସ ଓ ପରାକ୍ରମ ଏବଂ ବଳିଦାନର ଫଳ ସ୍ୱରୂପ ୧୯୬୫ ଓ ୧୯୭୧ରେ ପାକିସ୍ତାନର ଅହଙ୍କାର ଚୂନା ହୋଇଥିଲା। ହେଲେ ତାର କୁଚକ୍ରାନ୍ତକାରୀ ବୁଦ୍ଧି ପୂର୍ବବତ୍ ରହିଥିଲା। ୧୯୯୯ରେ ପାକିସ୍ତାନୀ ସେନା କାରଗିଲରେ ଅନୁପ୍ରବେଶ କରିବା ପୂର୍ବରୁ ଦୁଇଥର କାରଗିଲରୁ ଭାରତ ଉପରେ ଆକ୍ରମଣ କରିବାର ଯୋଜନା କରିଥିଲେ। ପାକିସ୍ତାନର ରାଜନେତାମାନେ ମଧ୍ୟ ଯୋଜନା କରିସାରିଥିଲେ । ହେଲେ ତାହା ଫଳପ୍ରଦ ହୋଇପାରି ନଥିଲା। ଜିଆ-ଉଲ-ହକ୍ ସମୟରେ ଓ ବେନଜିର ଭୁଟୋର ଦ୍ୱିତୀୟ ପାଳିରେ ଭୁଟୋ ଆଗରେ ଯେତେବେଳେ ଏହି ଯୋଜନା ପ୍ରସ୍ତୁତ କରାଗଲା, ସେତେବେଳେ ପରଭେଜ ମୁଶାରଫ ପାକିସ୍ତାନୀ ସେନାର ଡିଜିଏମଓ ଥିଲା। ସେହି ପରଭେଜ ମୁଶାରଫ ହିଁ କାରଗିଲ ଯୁଦ୍ଧ ସମୟରେ ପାକିସ୍ତାନୀ ସେନାର ମୁଖ୍ୟ ଥିଲା। ମୁଶାରଫ ବ୍ୟତୀତ ଲେଫ୍ଟନାଣ୍ଟ ଜେନେରାଲ ମହମ୍ମଦ ଅଜିଜ୍ ଖାନ୍, ଲେଫ୍ଟନାଣ୍ଟ ଜେନେରାଲ ମହମୁଦ ଖାନ୍ ଓ ମେଜର ଜେନେରାଲ ଜାଭେଦ୍ ହସନ୍ ଉକ୍ତ କୁଚକ୍ରାନ୍ତରେ ସାମିଲ ଥିଲେ। ତାଙ୍କ ଛଡା ଲେଫ୍ଟନାଣ୍ଟ କର୍ଣ୍ଣେଲ ଜାଭେଦ ଅବାସର ରିସର୍ଚ୍ଚ 'ଓଭୟସବ



ବ ଝପ୍ତଙ୍କୟଇ ସଭ ଚକ୍ସ୍କକ୍ଷଲସକ୍ଷର' ଦ୍ୱାରା ସେମାନେ ଏମିତି ପ୍ରଭାବିତ ହୋଇଥିଲେ ଯେ ତାଙ୍କୁ ଲାଗୁଥିଲା ଭାରତ ଉପରେ ସହଜରେ ଆକ୍ରମଣ କରି ତାକୁ ଖଣ୍ଡ ଖଣ୍ଡ କରାଯାଇପାରେ। ସେମାନେ ଭାବୁଥିଲେ ଯେ ସେମାନଙ୍କ ପାଖରେ ତ ଭାରତ ଭଳି ପରମାଣୁ ଶକ୍ତି ଅଛି, ଏଣୁ ସେମାନଙ୍କୁ ଜିତିବା ବିଶେଷ କଷ୍ଟ ହେବ ନାହିଁ।

ହେଲେ ଶତ୍ରୁମାନଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇପାରି ନଥିଲା। ଭାରତୀୟ ସୈନ୍ୟଙ୍କ ଦକ୍ଷତା ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ପରଭେଜ ମୁଶାରଫ ଯୁଦ୍ଧ ପରେ ନିଜ ପରାଜୟ ସ୍ୱୀକାର କରି କହିଥିଲା, "ଭାରତ ସୈନ୍ୟବାହିନୀଙ୍କ ଦ୍ୱାରା ନୁହେଁ ବରଂ ଅନ୍ତଃରାଷ୍ଟ୍ରୀୟ କୂଟନୀତି ମାଧ୍ୟମରେ ମଧ୍ୟ ପାକିସ୍ତାନକୁ କଡା ଜବାବ ଦେଇଛି।" ଯୁଦ୍ଧ ସମୟରେ ପ୍ରଥମ ପର୍ଯ୍ୟାୟରେ ଯଦିଓ କିଛିଟା ସମସ୍ୟା ଦେଖାଦେଇଥିଲା। ହେଲେ ପରେ ଆମ ସୈନ୍ୟମାନେ ଗୋଟିଏ ଗୋଟିଏ କରି କାରଗିଲର ଶିଖରକୁ ଅଧିକାର କରିବାକୁ ଲାଗିଲେ।

୧୩ ଜୁନ ୧୯୯୯ରେ ତୋଲୋଲିଙ୍ଗ ଶିଖରକୁ ଭାରତୀୟ ସୈନ୍ୟମାନେ ଦଖଲ କରିବା ପରେ ଆଗକୁ ତାଙ୍କ ପାଇଁ ଲଢ଼ିବା ସହଜସାଧ୍ୟ ହେଲା । ୨୦ ଜୁନ ୧୯୯୯ରେ ପଏଣ୍ଟ ୫୧୪୦ ତାଙ୍କ ଅଧିକାରକୁ ଆସିଯାଇଥିଲା। ପରେ ୪ ଜୁଲାଇରେ ଟାଇଗର ହିଲ୍‌ରୁ ମଧ୍ୟ ଅନୁପ୍ରବେଶକାରୀଙ୍କୁ ହଟାଇ ସେଠାରେ ତ୍ରିରଙ୍ଗା ଉଡାଇଥିଲେ। ଟାଇଗର ହିଲ୍‌କୁ ଅଧିକାର କରିବାରେ ଯୋଗେନ୍ଦ୍ର ସିଂହ ଯାଦବ (ପରମବୀର ଚକ୍ର ଉପାଧି ଲାଭ କରିଥିବା)ଙ୍କ ଅବଦାନ ଅତୁଳନୀୟ। ଯାହାକୁ ଆମେ ହିରୋ ଅଫ୍ ଦି ଟାଇଗର ହିଲ ଭାବେ ଜାଣୁ। ଏହିପରି ଭାବେ ପାକିସ୍ତାନ ସୈନ୍ୟଙ୍କୁ ହଟାଇ ହଟାଇ ଭାରତୀୟ ସେନା ଆଗକୁ ବଢ଼ି ଚାଲିଲା ଓ ବାର୍ଟାଲିକର ମୁଖ୍ୟ ଶିଖର ଉପରେ ପୁନଃ ଭାରତୀୟ ତ୍ରିରଙ୍ଗା ଲହରାଇଲା।

ଭାରତର ୧୪ ରେଜିମେଣ୍ଟ ଶକ୍ତିଶାଳୀ ବୋଫର୍ସ ସହାୟତାରେ ଭିତରକୁ ପ୍ରବେଶ କରି ପାକିସ୍ତାନୀ ସେନାଙ୍କୁ ଗୁଳି ମାରିବାକୁ ଲାଗିଲେ। ଏପରିକି ଏଲଓସି ମଧ୍ୟରେ ବାୟୁସେନାର ବିମାନ ଦ୍ୱାରା ଆକ୍ରମଣ କରିଥିଲା; ଯେଉଁଠିକି ପାକିସ୍ତାନ ନିଜ ବାୟୁସେନାର ପ୍ରୟୋଗ କରିପାରି ନଥିଲା। କାରଣ ସେ ସମୟରେ ପାକିସ୍ତାନ ସମଗ୍ର ବିଶ୍ୱକୁ ମିଥ୍ୟା କହିଥିଲା ଯେ ଉକ୍ତ ଯୁଦ୍ଧ ହେଉଛି କାଶ୍ମିରୀ ମୁଜାହିଦ୍ଦୀନ ମାନଙ୍କର ନିଜ ସ୍ୱାଧୀନତା ପାଇଁ ଲଢ଼େଇ। ଉକ୍ତ ଯୁଦ୍ଧରେ ପାକିସ୍ତାନ ପକ୍ଷରୁ ଅନେକ ସୈନ୍ୟ ନିହତ ହୋଇଥିବା ବେଳେ ତାହାର ନର୍ଦ୍ଦନ ଲାଇଟ ଇନ୍‌ଫ୍ୟାଟ୍ରି ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଥିଲା। ଯୁଦ୍ଧ ସମୟରେ ପାକିସ୍ତାନର ବିଦେଶ ସଚିବ ଥିଲେ ଶମସାଦ ଅହମ୍ମଦ ଖାନ। ସେ ଯୁଦ୍ଧ ପରେ ଗୋଟିଏ ବିବୃତ୍ତି ଦେଇଥିଲେ- "ବିଶ୍ୱର ଯେ କୌଣସି ଦେଶର ବିଦେଶ ବିଭାଗ ପାଇଁ ଏହା ସବୁଠାରୁ ଦୟନୀୟ ଅବସ୍ଥା । ଆମେ ପୂରା ଶକ୍ତିରେ ଆମ କାମ କଲୁ, କିନ୍ତୁ ସମଗ୍ର ବିଶ୍ୱ ଆଜି ଆମକୁ ଏହି ଯୁଦ୍ଧ ପାଇଁ ଦୋଷୀର ଆଖ୍ୟା ଦେଇଛି, ସାରା ବିଶ୍ୱ ଆମ ଉପରେ ଚାପ ପକାଇ ଚାଲିଥିଲେ ଯୁଦ୍ଧରୁ ପଛକୁ ହଟିବା ପାଇଁ ।"

ପାକିସ୍ତାନ ସେନା ଲେଫ୍ଟନାଣ୍ଟ ଜେନେରାଲ (ସେବା ନିବୃତ୍ତ) ଅଲି କୁଲି ଖାନ୍ ମଧ୍ୟ କାରଗିଲ ଯୁଦ୍ଧର ପରାଜୟକୁ ପାକିସ୍ତାନ ଇତିହାସର ସବୁଠାରୁ ଖରାପ ସମୟ ବୋଲି କହିଥିଲେ। ସବୁଠାରୁ ବଡକଥା ଯୁଦ୍ଧ ସମୟରେ ଜଣାଯାଇଥିଲା ଯେ ବହୁସଂଖ୍ୟକ ପାକିସ୍ତାନୀ ସେନା ଅଧିକାରୀ ପ୍ରାୟତଃ ନିଶାରେ ବୁଡି ରହନ୍ତି।

ସେ ଯାହା ହେଉନା କାହିଁକି ପାକିସ୍ତାନର କୌଣସି ଦେଶର ସୀମା ମଧ୍ୟରେ ଅନୈତିକ ପ୍ରବେଶ ତଥା ତାକୁ ଅକ୍ତିଆର କରିବାର ଦୁଷ୍ଟ ବୁଦ୍ଧିକୁ ଏହି ଯୁଦ୍ଧ ମାଧ୍ୟମରେ ସମଗ୍ର ବିଶ୍ୱ ଜାଣିଲା। ପାକିସ୍ତାନର ପ୍ରଧାନମନ୍ତ୍ରୀ ନବାବ ସରିଫଙ୍କ ମତରେ ସେ ଆକ୍ରମଣ ସମ୍ବନ୍ଧରେ କିଛି ଜାଣନ୍ତି ନାହିଁ। କିନ୍ତୁ ପରଭେଜ ମୁଶାରଫ ତାହାର ଓଲଟା ବିବୃତ୍ତି ଦେଇଥିଲେ। ଯଦି ଦେଶର ପ୍ରଧାନମନ୍ତ୍ରୀଙ୍କ ଅଜାଣତରେ ଏତେବଡ ଯୁଦ୍ଧ ହୋଇପାରୁଛି ସେ ଦେଶର ଶାସନ ନୀତି କିପରି ହୋଇଥିବ ଯାହା ବାସ୍ତବରେ ପ୍ରଶ୍ନବାଚୀ। ତତ୍କାଳୀନ ପାକିସ୍ତାନୀ ବିଦେଶମନ୍ତ୍ରୀ ମଧ୍ୟ କହିଥିଲେ ଯେ ସେ ୧୭ ମେ ସକାଳେ ହିଁ କାରଗିଲ ଆକ୍ରମଣ ସମ୍ପର୍କରେ ଜାଣିଲେ ଏବଂ କୂଟନୀତିକ କ୍ଷେତ୍ରରେ ଏହି ଯୁଦ୍ଧର ପରିଣାମ କ'ଣ ହେବ ସେ ନେଇ ତାଙ୍କ ସହ ଆଦୌ ଆଲୋଚନା ହିଁ କରାଯାଇନଥିଲା। ଏପରିକି ପାକିସ୍ତାନୀ ସେନାର ତତ୍କାଳୀନ ଆଡମିରରାଲ ଜୈସୁଦ୍ଦୀନ ବୁଖାରୀ ମୁଶାରଫଙ୍କୁ ପ୍ରଶ୍ନ କରିଥିଲେ ଯେ- "ମୋତେ ଏହି ଅପରେସନ ନେଇ କୌଣସି ସୂଚନା ତ ନାହିଁ, ହେଲେ ମୋର ପ୍ରଶ୍ନ ଯେ ଏଭଳି ଆକ୍ରମଣର ଉଦ୍ଦେଶ୍ୟ କ'ଣ ? ଏବଂ ଏଭଳି ଦୁର୍ଗମ ସ୍ଥାନ ପାଇଁ ଯାହାକୁ ଆମକୁ ଶୀତଦିନେ ଖାଲି କରିବାକୁ ହେବ ତା'ପାଇଁ ଯୁଦ୍ଧ କାହିଁକି ? ଯୁଦ୍ଧ ସମୟରେ ବିଶ୍ୱ ସମେତ ପାକିସ୍ତାନର ସାଥୀ ଚୀନ ମଧ୍ୟ ତାକୁ ସେନା ପ୍ରତ୍ୟାହାର ପାଇଁ କହିଥିଲା। ସବୁଠାରେ କାଶ୍ମୀରର ମୁଜାହିଦ୍ଦୀନ ଲଢୁଛନ୍ତି ବୋଲି କହୁଥିବା ପାକିସ୍ତାନ ଧରା ପଡିଯାଇଥିଲା ଯେ ସେ ହିଁ ମୁଜାହିଦ୍ଦୀନ ନାଁରେ ଆତଙ୍କବାଦ ସୃଷ୍ଟି କରୁଛି। ଯୁଦ୍ଧ କରିବାର ପ୍ରବୃତ୍ତି ପାକିସ୍ତାନ ପାଖରେ ଏପରି ଚରିଯାଇଥିଲା ଯେ ସେ ନିଜ ସୈନିକମାନଙ୍କୁ ଖାଦ୍ୟ ତଥା ଆବଶ୍ୟକୀୟ ସାମଗ୍ରୀ ଆଦି ନଯୋଗାଇ ଦୁର୍ଗମ କ୍ଷେତ୍ରକୁ ଲଢ଼ିବା ପାଇଁ ଛାଡି ଦେଇଥିଲା। କାରଣ ବହୁ ସୈନିକଙ୍କ ମୃତ ଶରୀରର ପୋଷ୍ଟମର୍ଟମ ରିପୋର୍ଟରେ ତାଙ୍କ ପେଟରୁ ଶୁଖିଲା ଘାସ ହିଁ ମିଳିଥିଲା। ପରଭେଜ ମୁଶାରଫ ତା'ର ବହିରେ ଲେଖିଛି- 'ମିଲଟାରୀ ଯାହା ଅର୍ଜନ କରିଥିଲା, କୂଟନୀତିରେ ସେସବୁ ହାତରୁ ଚାଲିଗଲା।' ଅପର ପକ୍ଷରେ ଆଉ ଏକ ସାକ୍ଷାତକାରରେ ପରଭେଜ କହିଥିଲା- ମୁଁ ଆମେରିକା ପାଖକୁ ସହାୟତା ପାଇଁ ଯିବା ବେଳେ ସେ ରାଜି ହୋଇଥିଲା, ହେଲେ ସେତେବେଳକୁ ଭାରତୀୟ ସେନା ପ୍ରାୟ ସବୁ ଜାଗାରୁ ପାକିସ୍ତାନୀଙ୍କୁ ନିପାତ କରିଦେଇଥିଲେ ଓ ଆଗକୁ ବଢୁଥିଲେ। ଏଣୁ ମୁଁ ପାକିସ୍ତାନୀ ସେନାର ସମ୍ମାନ ପାଇଁ ନୀରବ ରହିଲି।' ସେହି ଆମେରିକା ଗସ୍ତ ନେଇ ମଧ୍ୟ ମୁଶାରଫ ଓ ସରିଫଙ୍କ ବିବୃତ୍ତିରେ ପାର୍ଥକ୍ୟ ଦେଖିବାକୁ ମିଳେ।





ପାକିସ୍ତାନ ପକ୍ଷରେ ଏହା କୌଣସି ନୂଆ କଥା ନୁହେଁ କାରଣ ପାକିସ୍ତାନ ଅସ୍ତିତ୍ୱରେ ଆସିବା ଦିନଠୁ ହିଁ ହିଂସା, ଆତଙ୍କବାଦ ଭଳି ଅରାଜକତାର ବୀଜ ବପନ କରିଚାଲିଛି ଏବଂ ତାହା ଆଜି ମହାଦ୍ରୁମରେ ପରିଣତ ହୋଇଛି । ସବୁଠାରୁ ବଡ଼ କଥା ହେଲା ଭାରତୀୟ ସେନା ତା'ର କଡା ଜବାବ ଦେବା ପାଇଁ ଅହରହ ପ୍ରସ୍ତୁତ ରହିଛି ।

# ଦୁର୍ଗମ କାରଗିଲ ଭୂମିରେ ଭାରତୀୟ ସେନାଙ୍କ ଶୌର୍ଯ୍ୟ ଗାଥା

କାରଗିଲ ଯୁଦ୍ଧ ପ୍ରତ୍ୟେକ ଭାରତୀୟଙ୍କୁ ଆମ ସୈନ୍ୟବାହିନୀଙ୍କ ସାହସ ଶୌର୍ଯ୍ୟ ଓ ବଳିଦାନର ସ୍ମରଣ କରାଏ । ତତ୍କାଳୀନ ଭାରତ ସରକାରଙ୍କ ସୁଚିନ୍ତିତ ଓ ବିଚାରସମ୍ପନ୍ନ ପଦେକ୍ଷପ ବାସ୍ତବରେ ପ୍ରଶଂସନୀୟ । ୧୮ହଜାର ଫୁଟ ଉଚ୍ଚତାରେ ଥିବା ବରଫାବୃତ୍ତ କାରଗିଲ ଶିଖରରେ ଦୀର୍ଘ ଦୁଇମାସ ଧରି ଚାଲିଥିବା ଏ ଯୁଦ୍ଧରେ ମୋଟ ୫୨୭ଜଣ ବୀର ସୈନିକ ଆତ୍ମୋତ୍ସର୍ଗ କରିଥିଲେ ୧୩୦୦ରୁ ଅଧିକ ସୈନିକ ଆହତ ହୋଇଥିଲେ ଅପର ପକ୍ଷେ ପାକିସ୍ତାନର ୧୦୦୦ରୁ ୧୨୦୦



ସୈନିକଙ୍କ ମୃତ୍ୟୁ ହେବାର ସୂଚନା ମିଳିଥିଲା । ହେଲେ ଏହି ଯୁଦ୍ଧରେ ଭାରତୀୟ ସୈନ୍ୟର ପରାକ୍ରମ ବାସ୍ତବରେ ଅନନ୍ୟ । ହିମାଚଳ ପ୍ରଦେଶ ଭଳି ବୀରଭୂମିର ୫୨ଜଣ ବୀର ସୈନିକ ଏହି ଯୁଦ୍ଧରେ ପ୍ରାଣବଳି ଦେଇଥିଲେ, ସେମାନଙ୍କ ମଧ୍ୟରୁ କ୍ୟାପଟେନ୍ ବିକ୍ରମ ବାତ୍ରା ଦୁର୍ଗମ କାରଗିଲ ଭୂମିରେ ଭାରତୀୟ ସେନାଙ୍କ ଶୌର୍ଯ୍ୟ ଗାଥା ଅନ୍ୟତମ । ୧ ଜୁନ ୧୯୯୯ର କ୍ୟାପେଟନ ବିକ୍ରମ ବାତ୍ରା ଯେତେବେଳେ ଯୁଦ୍ଧ ଭୂମିକୁ ଯାଇଥିଲେ ତାଙ୍କ କାହିରେ ଶ୍ରୀନଗର ଲେହ ମାର୍ଗର ଠିକ୍ ଉପରେ ଥିବା ୫୧୪୦ ଉଚ୍ଚ ଶିଖରକୁ ଶତ୍ରୁମୁକ୍ତ କରିବାର ଦାୟିତ୍ୱ ଥିଲା, ତାହା କେବଳ ଗୋଟିଏ ଶିଖର ନଥିଲା । ଥିଲା ଦେଶମାତୃକାର ଅସ୍ମିତାର ପ୍ରଶ୍ନ । କ୍ୟାପେଟନ ବିକ୍ରମ ବାତ୍ରା ନିଜ ସାଥୀମାନଙ୍କ ସହ ୨୦ ଜୁନ ୧୯୯୯ରେ ପ୍ରାୟ ୩.୩୦ ମିନିଟରେ ତାହାକୁ ଦଖଲ କରିଥିଲେ । ସେଦିନ ରେଡିଓରେ ତାଙ୍କ ଉଦଘୋଷ ଥିଲା- 'ୟେ ଦିଲ୍ ମାଗେଁ ମୋର' ତାହା ହିଁ ଭାରତୀୟଙ୍କ ମନରେ ଭରିଦେଇଥିଲା ବିଜୟର ଅଫୁରନ୍ତ ସ୍ୱାଦ । ତା'ପରର ଶିଖର ୪୮୭୦ର ଥିଲା । ତା'ର ଅଭିଯାନ ମଧ୍ୟ କ୍ୟାପଟେନ୍ ବିକ୍ରମ ବାତ୍ରା ବଞ୍ଚିଲେ ଓ ନିଜ ସାଥୀମାନଙ୍କୁ ବଞ୍ଚାଇବା ପାଇଁ ନିଜେ ଆଗକୁ ଯାଇ ଶତ୍ରୁ ଗୁଳିର ଶିକାର ହୋଇ ମଧ୍ୟ ସେଠାରେ ତ୍ରିରଙ୍ଗା ଲହରାଇଥିଲେ । ଏଥିପାଇଁ ୧୯୯୯ ଅଗଷ୍ଟ ୧୫ରେ ତାଙ୍କୁ ପରମବୀର ଚକ୍ର ଉପାଧିରେ ଭୂଷିତ କରାଯାଇଥିଲା, ସେହିପରି ବିଳାସପୁରର ସଞ୍ଜୟ କୁମାର, ଯେ କି ନିଜର ୧୧ଜଣ ସାଥୀଙ୍କ ସହ କାରଗିଲର ମସ୍କୋ ବେଲି ପଏଣ୍ଟ (୪୮୭୫)ର ଫ୍ଲାଟ ଟପରେ ଥିଲେ । ସେଠାରେ ପାକିସ୍ତାନୀ ସୈନିକମାନଙ୍କ ଦ୍ୱାରା ଆମର ୨ଜଣ ସୈନିକ ସହିଦ ହେବା ସହ ୮ଜଣ ଆହତ ହୋଇଥିଲେ । ସଞ୍ଜୟ କୁମାରଙ୍କୁ ୩ଟି ଗୁଳି ଲାଗିଥିଲା । ସେତେବେଳେ ତାଙ୍କ ବନ୍ଧୁକ ଖାଲିଥିଲା । ହେଲେ ବୀର ଯୋଦ୍ଧା ସଞ୍ଜୟ କୁମାର ଶତ୍ରୁଙ୍କ ବଙ୍କରକୁ ଯାଇ ତାଙ୍କଠାରୁ ବନ୍ଧୁକ ଛଡାଇ ସେଠାରେ ବିଜୟ ହାସଲ କରିଥିଲେ । ଏଥିପାଇଁ ତାଙ୍କୁ ମଧ୍ୟ ପରମବୀରଚକ୍ର ଉପାଧିରେ ଭୂଷିତ କରାଯାଇଥିଲା ।

କୁଲୁ ଜିଲ୍ଲାର ଡୋଲାରାମ (କ୍ୟାପେଟନ ବିକ୍ରମ ବାତ୍ରା) (ସହିଦ ଡୋଲାରାମ) ନିଜର ୨ଜଣ ସାଥୀଙ୍କ ସହ ବିନା ଅସ୍ତ୍ରଶସ୍ତ୍ରରେ ସିୟାଚୀନ ଗ୍ଲାସିୟର ଶିଖରର ବଙ୍କରରେ ଲୁଚିଥିବା ୧୭ଜଣ ଆତଙ୍କୀଙ୍କୁ ମାରି ନିଜେ ସହିଦ ହୋଇଯାଇଥିଲେ । କୁଲୁ ଓ ମଣ୍ଡି ଜିଲ୍ଲାର ସୀମାସ୍ଥ ନଙ୍ଗବାଇ ଗ୍ରାମର ବ୍ରିଗେଡିୟର ଖୁସହାଲ ଠାକୁରଙ୍କ




ନେତୃତ୍ୱରେ ତାଙ୍କ ସେନା ତୋଲୋଲିଙ୍ଗ ଶିଖରକୁ ଦଖଲ କରିଥିଲେ; ଯାହାକି ଦୁର୍ଗମ ଯୁଦ୍ଧର ଦୃଶ୍ୟପଟକୁ ବଦଳାଇ ଦେଇଥିଲା । ତାଙ୍କ ସେନାର ସବୁଠାରୁ ଅଧିକ ସୈନିକ ଆତ୍ମାହୁତି ଦେଇଛନ୍ତି । ୧୩ ଜୁନରେ ୧୮ ଗ୍ରେନେଡିୟର୍ସ ଓ ୨ଟି ରାଜପୁତନା ରାଇଫଲସ ମିଶି ତାହାକୁ ଦଖଲ କରିଥିଲେ ଏଥିରେ ମୁଖ୍ୟ ଭୂମିକା ବହନ କରିଥିବା ଲେଫ୍ଟନାଣ୍ଟ କର୍ଣ୍ଣେଲ ବିଶ୍ୱନାଥନ, କର୍ଣ୍ଣେଲ ଖୁସହାଲ ଠାକୁରଙ୍କ କୋଳରେ ହିଁ ପ୍ରାଣତ୍ୟାଗ କରିଥିଲେ । ଏଥିପାଇଁ ତତ୍କାଳୀନ ରାଷ୍ଟ୍ରପତି ୧୮ ଗ୍ରେନେଡିୟର୍ସଙ୍କୁ ୫୨ ବୀରତା ସମ୍ମାନରେ ମଣ୍ଡିତ କରିଥିଲେ । ସେହି ସେନାର ଗ୍ରେନେଡିୟର୍ସ ୧୯ ବର୍ଷୀୟ ଯୋଗେନ୍ଦ୍ର ସିଂହ ଯାଦବଙ୍କ ପରାକ୍ରମ ବାସ୍ତବରେ ଅନନ୍ୟ । ତାଙ୍କୁ ମଧ୍ୟ ପରମବୀର ଚକ୍ର ଉପାଧି ପ୍ରଦାନ କରାଯାଇଥିଲା । କ୍ୟାପ୍ଟେନ ସୌରଭ କାଲିଆଙ୍କ ପାଖରୁ ବିଜୟ ଦିବସ ଗାଥାର ପ୍ରଥମ ପୃଷ୍ଠା ଆରମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଗିଲ ଯୁଦ୍ଧ ପୂର୍ବରୁ ୧୫ ମେ ୧୯୯୯ରେ ସେ ଯେତେବେଳେ ଲଦାଖର ଗୋଟିଏ କାକସର କ୍ଷେତ୍ରର ବଜରଙ୍ଗ ପୋଷ୍ଟକୁ ଯାଉଥିଲେ,ସେତେବେଳେ ତାଙ୍କୁ ଓ ତାଙ୍କ ୫ଜଣ ସାଥୀଙ୍କୁ ପାକିସ୍ତାନ ସେନା ବନ୍ଦୀ କରି ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରି ଶେଷରେ ଅତ୍ୟନ୍ତ ନିମର୍ମ ଭାବେ ହତ୍ୟା କରିଥିଲେ । ଏହି ଦିବସ କେବଳ ଦିବସ ମାତ୍ର ନୁହେଁ, ବରଂ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଦିବସ । ଦେଶ ମାତୃକା ପାଇଁ ତ୍ୟାଗ କରିବାର ଦିବସ, ଦେଶର ଅସ୍ମିତାକୁ ରକ୍ଷା କରିବାର ଦିବସ ।

ମୋ-୯୪୩୯୫୬୧୮୫୪

## କାରଗିଲ ଆକ୍ରମଣ ନେଇ ପାକିସ୍ତାନର ମୁଖ୍ୟ ଉଦ୍ଦେଶ୍ୟ:

୧. ଶ୍ରୀନଗରକୁ ଲେହ ସହ ଯୋଡୁଥିବା ଜାତୀୟ ରାଜପଥ-୧ର ଯୋଗାଯୋଗ ବିଚ୍ଛିନ୍ନ କରିବା ।

୨. କାଶ୍ମୀର ଉପେର ଜିହାଦୀ ଆକ୍ରମଣ କରି ଦଖଲ କରିବାର ଯୋଜନା, ଏଥିପାଇଁ ଆଫଗାନିସ୍ତାନରୁ ତାଲିବାନୀ ପ୍ରମୁଖ ମୁଲ୍ଲା
ମହମ୍ମଦ ରବାନୀ ପାଖରୁ କାଶ୍ମୀରେର ଜିହାଦୀ ଲଢ଼ିବା ପାଇଁ ୨୦ରୁ ୩୦ ହଜାର ସୈନିକ ଦାବି କରିଥିଲେ ଏବଂ ରବାନୀ ୫୦ ହଜାର ଲଢୁଆ ସୈନିକ ଯୋଗାଇ ଦେଇଥିଲା । ପ୍ରକାଶଯୋଗ୍ୟ ଯେ ୧୯୬୫ ଯୁଦ୍ଧ ପୂର୍ବରୁ କାରଗିଲ ଶିଖରରେ ପାକିସ୍ତାନୀ ସେନା ପହରା ଦେଉଥିଲା । ମାତ୍ର ୧୯୬୫ ଓ ୧୯୭୧ ଯୁଦ୍ଧ ପରେ ତାହା ଭାରତର ଅଧୀନସ୍ଥ ଥିଲା । ମୁଶାରଫ ତାହାକୁ ଫେରାଇ ନେବାକୁ ଚାହୁଁଥିଲା ।

୩. ପାକିସ୍ତାନ କାରଗିଲ ଯୁଦ୍ଧ ମାଧ୍ୟମେର କାଶ୍ମୀରକୁ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଦେଖାଇ ବିଶ୍ୱସମୁଦାୟଙ୍କ ଆଗରେ ପରମାଣୁ ଯୁଦ୍ଧର ଆଶଙ୍କା ସୃଷ୍ଟି କରାଇ ଏଥିରେ ତୃତୀୟ ଶକ୍ତିର ହସ୍ତକ୍ଷେପ ଲୋଡିବା ।






ଫ୍ୟାସନ୍

# ମନସୁନ୍ ଫ୍ୟାଶନ ଡ୍ରେସ୍



*ମନସୁନ୍ ଆସିଲେ ମହିଳାମାନେ ଖାସ୍ କରି ଫ୍ୟାଶନ୍‌କୁ ନେଇ ଚିନ୍ତିତ ଥାଆନ୍ତି। ଏହି ମନସୁନ୍‌ରେ ହାଲୁକା ରଙ୍ଗ, ଧଳା ରଙ୍ଗ ଏବଂ କମ୍ ପ୍ରିଣ୍ଟ୍‌ବାଲା ପୋଷାକ ପିନ୍ଧିବାଠାରୁ ଦୂରେଇ ରୁହନ୍ତୁ। ଯଦି ଆପଣ ଚାହାଁନ୍ତି ତେବେ, ଡାର୍କ କଲର୍ ଏବଂ ବୋଲ୍ଡ ପ୍ରିଣ୍ଟର ଡ୍ରେସ୍ ଟ୍ରାଏ କରିପାରିବେ। କିନ୍ତୁ ବର୍ଷା ଦିନରେ ମଧ ପୋଷାକକୁ ଯତ୍ନର ସହିତ ବାଛିବା ଉଚିତ୍। ଏହା ଗୁରୁତ୍ୱପୂର୍ଣ୍ଣ ଯେ ଫ୍ୟାଶନେବଲ୍ ଦେଖାଯିବା ସହିତ ଆରାମଦାୟକ ହେବା ଉଚିତ୍। ଆସନ୍ତୁ ଜାଣିବା ସେହିଭଳି କିଛି ଜରୁରୀ ପୋଷାକ ସମ୍ପର୍କରେ।*





## କଟନ୍ ପୋଷାକ

ଯଦି ବର୍ଷା ଋତୁରେ ଆପଣ ସୂତା ପୋଷାକ ପିନ୍ଧନ୍ତି ତେବେ ଆପଣଙ୍କୁ ଅଧିକ ଆରାମ ମିଳିଥାଏ। ଏହି ସୂତା କପଡ଼ା ପିନ୍ଧିବା ଯେତିକି ସହଜ ହୋଇଥାଏ, ସେହିପରି ବର୍ଷାରେ ଓଦା ହେଇଗଲେ ସହଜରେ ଶୁଖିଯାଏ। ସେଥିପାଇଁ ଏହି ବର୍ଷା ଋତୁରେ ସୂତା କପଡ଼ାର ପୋଷାକ ପିନ୍ଧିବା ପାଇଁ ସମସ୍ତେ ପସନ୍ଦ କରିଥାନ୍ତି। ସିନ୍ଥେଟିକ୍ ପୋଷାକଠାରୁ ଦୂରରେ ରୁହନ୍ତୁ। ତଥାପି, ଏହି ମନସୁନ୍‌ରେ ଆପଣ ଫ୍ଲୋରାଲ ପ୍ରିଣ୍ଟ ପୋଷାକ ମଧ ବାଛିପାରିବେ। ଏଗୁଡ଼ିକ ବହୁତ ସୁନ୍ଦର ଦେଖାଯାଏ।

## ନାଇଲନ୍ ଫେବ୍ରିକ୍ ପୋଷାକ

ଏହି ମନସୁନ୍ ଋତୁରେ ନାଇଲନ୍ ଫେବ୍ରିକ୍ କପଡ଼ାର ପୋଷାକ ମଧ ପିନ୍ଧିପାରିବେ। ଏହାକୁ ପିନ୍ଧିବା ଦ୍ୱାରା ଶରୀରକୁ ଆରାମ ମିଳିଥାଏ। ସେହିପରି ବର୍ଷାରେ ଓଦା ହେଲେ ମଧ ଶୀଘ୍ର ଶୁଖିଯାଇଥାଏ। ସେଥିପାଇଁ ଏହି ନାଇଲନ୍ ଫେବ୍ରିକ୍ ପୋଷାକ ପିନ୍ଧିବା ପାଇଁ ସମସ୍ତେ ପସନ୍ଦ କରନ୍ତି।

## ସ୍କିନ୍ ଟାଇଟ୍ ପୋଷାକ

ବର୍ଷା ଋତୁରେ ସ୍କିନ୍ ଟାଇଟ୍ ପୋଷାକ ପିନ୍ଧିବାଠାରୁ ଦୂରେଇ ରୁହନ୍ତୁ। ଏହି ଋତୁରେ ପୁରୁଷ ବା ମହିଳାମାନେ ସ୍କିନ୍ ଟାଇଟ୍ ପୋଷାକ ପିନ୍ଧିଲେ ବର୍ଷାରେ ଓଦା ହେବା ପରେ ଏହାକୁ ବାହାର କରିବା କଷ୍ଟକର ହୋଇଯାଏ। ଏପରି ଫିଟିଂ ଯୋଗୁଁ ମଧ ସେମାନେ ଗରମ ଅନୁଭବ କରିଥାନ୍ତି।

## ଉଜ୍ଜ୍ୱଳ ରଙ୍ଗର ପୋଷାକ

ଏହି ଋତୁରେ ସମସ୍ତେ ଉଜ୍ଜ୍ୱଳ ରଙ୍ଗର ପୋଷାକକୁ ଗୁରୁତ୍ୱ ଦେଇପାରିବେ। ଏହି ସମୟରେ ଆପଣ ନୀଳ, ନାଲି, ଗୋଲାପୀ, ହଳଦିଆ ଏବଂ ଅନ୍ୟାନ୍ୟ ରଙ୍ଗର ପୋଷାକ ବାଛିପାରିବେ। ଏହି ଋତୁରେ ଧଳା ପୋଷାକ ପିନ୍ଧିବାଠାରୁ ଦୂରେଇ ରୁହନ୍ତୁ। ଧଳା ପୋଷାକରେ ଦାଗ ଲାଗିଲେ ସହଜରେ ଛାଡ଼େ ନାହିଁ।





ରୋଷେଇ ଘରୁ

# ମଶରୁମ୍ ଦୋ-ପ୍ୟାଜା



## ଆବଶ୍ୟକ ସାମଗ୍ରୀ:

ଛତୁ-୫୦୦ଗ୍ରାମ୍, ପିଆଜ-୩ଟା, ଟମାଟୋ-୩ଟା, କଞ୍ଚାଲଙ୍କା-୨ଟା, ଅଦା-୧ଇଞ୍ଚ, ରସୁଣ-୬ରୁ୭ କୋଲା, ଗୁଜୁରାତି-୨ଟା, କାଜୁ-୧୦ରୁ୧୨ଟି, କସୁରୀ ମୋଥି, ଜିରା, ଡାଲଚିନି, କାଶ୍ମିରୀ ଚିଲ୍ଲି, ହଳଦୀ ପାଉଡ଼ର, ଗରମ ମସଲା, ଧନିଆ ପତ୍ର, ତେଲ, ସ୍ୱାଦ ଅନୁଯାୟୀ ଲୁଣ।

## ପ୍ରଣାଳୀ:

ପ୍ରଥମେ ଛତୁକୁ ଭଲ ଭାବେ ଧୋଇ ଭାଜିନେବେ। ସେହିପରି ପିଆଜ, ଟମାଟୋ ଏବଂ କଞ୍ଚାଲଙ୍କାକୁ ହାଲ୍‌କା କରି ଭାଜିଦେବେ। ସେହି ପ୍ୟାନ୍‌ରେ ତେଲ ଦେଇ ଜିରା, ଡାଲଚିନି, ଗୁଜୁରାତି, କାଟି ରଖିଥିବା ପିଆଜ, ଅଦା, ରସୁଣ ଦେଇ ହାଲ୍‌କା ଭାବେ ଭାଜିବେ। ମସଲା ଟିକେ ବ୍ରାଉନ୍ କଲର୍ ହେଇ ଆସିଲେ ସେଥିରେ କାଶ୍ମିରୀ ଚିଲ୍ଲି, ହଳଦୀ ପାଉଡ଼ର, ଗ୍ରାଇଣ୍ଡିଂ କରି ରଖିଥିବା ଟମାଟୋ ଦେଇ କଷିବେ। ଏଥିରେ କସୁରୀ ମେଥି, ଭାଜି ରଖିଥିବା ଛତୁ ଦେଇ ୨ରୁ୩ ମିନିଟ୍ ପର୍ଯ୍ୟନ୍ତ ଘୋଡ଼େଇ ରଖିବେ। ସେଥିରେ ୧କପ୍ ପାଣି ଦେବେ ପାଣି ଫୁଟିଲା ପରେ ଗ୍ରାଇଣ୍ଡିଂ କରି ରଖିଥିବା କାଜୁକୁ ଦେଇ ଭଲ ଭାବେ ମିଶେଇନେବେ। ଶେଷରେ ଭାଜି ରଖିଥିବା ପିଆଜ, ଟମାଟୋ, କଞ୍ଚାଲଙ୍କା, ଗରମ ମସଲା, ଧନିଆ ପତ୍ର ଦେଇ ହାଲ୍‌କା ଭାବେ ମିଶେଇବେ। ଏହାକୁ ଭାତ, ରୁଟି, ପରଟା ସହିତ ଖାଇପାରିବେ।

# ସାପ୍ତାହିକ ରାଶିଫଳ

(ଜୁଲାଇ ୨୮-ଅଗଷ୍ଟ ୩)



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ**
ରବିବାର ଓ ସୋମବାର କର୍ମକ୍ଷେତ୍ରରେ ଆନନ୍ଦପ୍ରାପ୍ତ ହେବ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଉଦ୍ୟମ ସାଫଲ୍ୟତା ଲାଭ। ଆର୍ଥିକ ପରିସ୍ଥିତି ଭଲ ରହିବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ମିଳିବ।
ପ୍ରତିକାର: ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରନ୍ତୁ।

**ବୃଷ**
ରବିବାର ଓ ସୋମବାର ସମସ୍ୟାଯୁକ୍ତ ହେବେ। ଋଣଭାର ବୃଦ୍ଧି ଘଟିବ। ମଙ୍ଗଳବାର ଓ ବୁଧବାର ମଧ୍ୟମ ଫଳ ପ୍ରାପ୍ତି। ବନ୍ଧୁ ସହଯୋଗ ପାଇପାରନ୍ତି। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ କର୍ମକ୍ଷେତ୍ର ଓ ବ୍ୟବସାୟରେ ସଫଳତା ପ୍ରାପ୍ତି ହେବ। ପ୍ରତିକାର: ରୁଦ୍ରାଷ୍ଟକ ପାଠ କରନ୍ତୁ।

**ମିଥୁନ**
ରବିବାର ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ସୋମବାର ଓ ମଙ୍ଗଳବାର ଅତୀତର କର୍ମ ନେଇ ପଶ୍ଚାତାପ୍ କରିବେ। ବୁଧବାର ଓ ଗୁରୁବାର ଲୋକସମ୍ପର୍କ ବୃଦ୍ଧିଘଟିବ। ମହିଳା ଓ ବିଦ୍ୟାର୍ଥୀ ରୁଚିଶୀଳ ହେବେ। ଶୁକ୍ରବାର ଓ ଶନିବାର ପ୍ରତିଷ୍ଠାଯୁକ୍ତ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଆୟ ବୃଦ୍ଧିହେବ।ପ୍ରତିକାର: ଗଣେଶଙ୍କୁ ପୂଜା କରନ୍ତୁ।

**କର୍କଟ**
ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଅନୁକୂଳ ରହିବ। ଆର୍ଥିକ ସମୃଦ୍ଧି ହେବ। ବୁଧବାର ଓ ଗୁରୁବାର ଦୁର୍ଘଟଣାଜନିତ ସମସ୍ୟା ଦେଖାଦେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଶୁକ୍ରବାର ଓ ଶନିବାର ଯୋଜନାନୁସାରେ କାର୍ଯ୍ୟକରି ସାଫଲ୍ୟତା ପାଇବେ।

**ସିଂହ**
ରବିବାର ଓ ସୋମବାର ସନ୍ତାନହେତୁକ ଗର୍ବ ଅନୁଭବ କରିବେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସମୟ ଆପଣଙ୍କୁ ସଫଳତା ପ୍ରଦାନ କରିବ। ଶୁକ୍ରବାର ଓ ଶନିବାର ସାବଧାନତା ଅବଲମ୍ବନୀୟ। ଦ୍ରବ୍ୟ ଚୋରି ହୋଇପାରେ।
ପ୍ରତିକାର: ଆଦିତ୍ୟ ହୃଦୟ ସ୍ତୋତ୍ର ପାଠକରି ଜଳଦାନ କରନ୍ତୁ।

**କନ୍ୟା**
ରବିବାର ପାରିବାରିକ ଅଶାନ୍ତି ଦେଖାଦେଇପାରେ। ସୋମବାର ଓ ମଙ୍ଗଳବାର କାର୍ଯ୍ୟରେ ସ୍ଥିରତା ପ୍ରାପ୍ତି। ବୁଧବାର ଓ ଗୁରୁବାର ଲାଭବାନ ହେବେ। ଶୁକ୍ରବାର ଓ ଶନିବାର ନୂତନ କାର୍ଯ୍ୟାରମ୍ଭ କରିବେ। ପାରିବାରିକ ଶାନ୍ତି ପାଇବେ।ପ୍ରତିକାର: ଓଁ ଳଂ ଲଙ୍କାତାଭ୍ୟାଂ ମନ୍ତ୍ର ଜପ କରନ୍ତୁ।

**ତୁଳା**
ରବିବାର ଆତ୍ମନିର୍ଭରଶୀଳ ହେବେ। ସୋମବାର ଓ ମଙ୍ଗଳବାର ଜଗିରଖି ଚଳିବା ଆବଶ୍ୟକ। ବୁଧବାର ଓ ଗୁରୁବାର କାର୍ଯ୍ୟ ସିଦ୍ଧି ହେବ। ପୈତୃକ ସମ୍ପତ୍ତିରୁ ଲାଭବାନ ହେବେ। ଶୁକ୍ରବାର ଓ ଶନିବାର ଆର୍ଥିକ ଉନ୍ନତି ହେବ।
ପ୍ରତିକାର: ଓଁ ନମଃଶିବାୟ ମନ୍ତ୍ର ଜପକରନ୍ତୁ।

**ବିଛା**
ରବିବାର ସ୍ଥିରଚିତ୍ତ ହୋଇ କାର୍ଯ୍ୟ କରିବେ। ସୋମବାର ମଙ୍ଗଳବାର ଉଦ୍ୟମେ କାର୍ଯ୍ୟ ସିଦ୍ଧି। ବୁଧବାର ଓ ଗୁରୁବାର ଜଗିରଖି ଚଳିବେ। ଶୁକ୍ରବାର ଓ ଶନିବାର ଶତ୍ରୁଠାରୁ ଦୂରେଇ ରହିବା ଭଲ। ଦାମ୍ପତ୍ୟ ଜୀବନରେ କଳହ ହୋଇପାରେ।ପ୍ରତିକାର: ଓଁ ହଂ ପବନ ନନ୍ଦନାୟ ସ୍ୱାହା ମନ୍ତ୍ର ଜପ କରନ୍ତୁ।

**ଧନୁ**
ରବିବାର ଓ ସୋମବାର କର୍ମାନୁରୂପ ଫଳ ପ୍ରାପ୍ତି ହେବ। ମଙ୍ଗଳବାର ଓ ବୁଧବାର ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ବିପଦ ଦେଖାଦେଇପାରେ। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ମଧ୍ୟମ ଫଳ ପ୍ରାପ୍ତି ହେବ। ଲାଞ୍ଚ ମିଛଠାରୁ ଦୂରେଇ ରହିବା ଭଲ।ପ୍ରତିକାର: ମା'ତାରାଙ୍କ କବଚ ପାଠ କରନ୍ତୁ।

**ମକର**
ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ କାର୍ଯ୍ୟରେ ସହଯୋଗ ପ୍ରାପ୍ତି ହେବ। ବିବେକ ଅନୁମୋଦିତ କାର୍ଯ୍ୟ କରି ପ୍ରଶଂସିତ ହେବେ। ବୁଧବାରଠାରୁ ଗୁରୁବାର ଦେବଦର୍ଶନରେ ଆନନ୍ଦ ପାଇବେ। ଶୁକ୍ରବାର ଓ ଶନିବାର ବନ୍ଧୁ ସହଯୋଗ ପ୍ରାପ୍ତି ହେବ। ପ୍ରତିକାର: ଶ୍ରୀ ଶିବ ସହସ୍ର ନାମ ପାଠ ସହ ଜଳାଧିବାସ କରନ୍ତୁ।

**କୁମ୍ଭ**
ରବିବାର ଓ ସୋମବାର ଜଗିରଖି ଚଳିବେ। ମାନସିକ ଦୁଃଶ୍ଚିନ୍ତା ଦେଖାଦେଇପାରେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଶୁକ୍ରବାରଠାରୁ ଶନିବାର କୌଣସି କଥାରେ ଅଯଥା ହସ୍ତକ୍ଷେପ କରନ୍ତୁ ନାହିଁ। ବିପଦରେ ପଡ଼ିପାରନ୍ତି।

**ମୀନ**
ରବିବାରଠାରୁ ମଙ୍ଗଳବାର କାର୍ଯ୍ୟରେ ସଫଳତା ଲାଭ କରିବେ। ବୁଧବାର ଓ ଗୁରୁବାର କର୍ମକ୍ଷେତ୍ରରେ ସଫଳତା ଓ ଧନଲାଭ ହେବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ଲାଭ ହେବ। ପ୍ରତିକାର :ଓଁ ନାରାୟଣ ବିଦ୍ମହେ ବାସୁଦେବାୟ ଧୀମହି ତନ୍ନୋ ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରଣୀୟ।

ପର୍ଯ୍ୟଟନ

# ଅରିତାର



**ସିକ୍କିମରେ ରହିଛି ଅନେକ ଲୋଭନୀୟ ସ୍ଥାନ। ଥରେ ଯେକୌଣସି ପର୍ଯ୍ୟଟକ ସିକିମ ବୁଲିବାକୁ ଗଲେ, ବାରମ୍ବାର ଯିବାକୁ ଇଚ୍ଛା ପ୍ରକାଶ କରିଥାଏ। ସିକ୍କିମର ଅରିତାର ସେହିଭଳି ଏକ ସ୍ଥାନ, ଯାହା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଲୋଭନୀୟ ହ୍ରଦ, ଘନ ଜଙ୍ଗଲ, ଖୁବ୍ ସୁନ୍ଦର ବିଶାଳ ପାହାଡ଼ ଏବଂ ମାଇଲ୍ ମାଇଲ୍ ବ୍ୟାପୀ ଧାନକ୍ଷେତ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ପ୍ରକୃତିର ଶୋଭାରେ ଶୋଭିତ ଅରିତାରରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଅବର୍ଣ୍ଣନୀୟ।**

## ଭୌଗୋଳିକ ଅବସ୍ଥିତି

ସିକ୍କିମର ରୋଙ୍ଗଲି ତହସିଲ ଅନ୍ତର୍ଗତ ଅରିତାରଠାରୁ ହିମାଳୟ ଅଧିକ ଦୂର ନୁହେଁ। ଗ୍ୟାଙ୍ଗଟକ୍‌ର ପାକୟୋଙ୍ଗ କିମ୍ବା ରଙ୍ଗପୋ ଦେଇ ଖୁବ୍ ସହଜରେ ଅରିତାରରେ ପହଞ୍ଚିବା ପାଇଁ ଚାରିଘଣ୍ଟାର ଡ୍ରାଇଭ୍ କରିବାକୁ ପଡ଼ିଥାଏ। ଅରିତାର ସିକ୍କିମର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଓ ଏହାର ସୀମା କାଞ୍ଚନଜଙ୍ଘା ପାହାଡ଼କୁ ଲାଗିଛି।

## ଅରିତାରର ଇତିହାସ


୧୯୦୪ରେ ଭାରତ-ତିବ୍ବତ ବ୍ୟାବସାୟିକ ଚୁକ୍ତିରୁ ଅରିତାର ଲୋକଲୋଚନକୁ ଆସିଥିଲା। ସିକ୍କିମରେ ଯେତେବେଳେ ନୂଆ ରାସ୍ତା ନିର୍ମାଣ ଆରମ୍ଭ ହେଲା, ତିବ୍ବତୀୟମାନେ ଆଶଙ୍କା କଲେ ଓ ସେମାନେ ଯୁଦ୍ଧ ଆରମ୍ଭ କରିଦେଲେ। ତିବ୍ବତୀୟମାନେ ସିକ୍କିମର ଜେଲେପଲା ନିକଟସ୍ଥ ଲିଙ୍ଗଟୁକୁ ନିଜ ନିୟନ୍ତ୍ରଣକୁ ନେବାରେ ସକ୍ଷମ ହେଲେ। ଏହାପରେ ଲର୍ଡ ୟଙ୍ଗହରବ୍ୟାଣ୍ଡ୍‌ଙ୍କ ନେତୃତ୍ୱରେ ଏକ ସନ୍ଧି କଲେ। ଏହାର ଉଦ୍ଦେଶ୍ୟ ଥିଲା, ତିବ୍ବତରେ ଇଂରେଜଙ୍କ ବ୍ୟାବସାୟିକ ହିତ ରକ୍ଷା। ବ୍ୟବସାୟର ମାର୍ଗ ନଥୁଲା ପାସ୍, ରେନାଙ୍କ, ଅରିତାର ଓ ଜାଲକ ଦେଇ ଦାର୍ଜିଲିଂସ୍ଥିତ କାଲିମ୍ପଙ୍ଗ୍ ଓ ପେଡୋଙ୍ଗ ହୋଇ ଯାଇଥିଲା।

## ସଂସ୍କୃତି ଓ ପରମ୍ପରା

ଏପ୍ରିଲ ମାସ ଶେଷ ଓ ମଇ ମାସ ଆରମ୍ଭରେ ଅରିତାରରେ ପ୍ରତିବର୍ଷ ଆୟୋଜିତ ହୁଏ ଲମ୍ପୋଖରି ଟୁରିଜିମ୍ ଫେଷ୍ଟିଭାଲ୍। ଆଡଭେଞ୍ଚର ବା ଦୁଃସାହସିକ କ୍ରୀଡ଼ାକୁ ଭଲ ପାଉଥିବା ଲୋକ ଏହି ଉତ୍ସବକୁ ଖୁବ୍ ପସନ୍ଦ କରନ୍ତି ଓ ଉତ୍ସବ ଆରମ୍ଭରୁ ଶେଷଯାଏଁ ଉପସ୍ଥିତ ରହି ମଜା ନେଇଥାନ୍ତି। ଅରିତାରରେ ବୋଟିଙ୍ଗ୍, ଘୋଡ଼ାସବାରୀ, ପରମ୍ପରାଗତ ତୀରନ୍ଦାଜୀ ଆଦି ପ୍ରତିଯୋଗିତା ଓ ପାହାଡ଼ ଉପରେ ଛୋଟ ଟ୍ରେକିଂ ଆଦିର ଆନନ୍ଦ ନେଇଥାନ୍ତି ପର୍ଯ୍ୟଟକ। କେବଳ ଏତିକି ନୁହେଁ, ଦୁଃସାହସିକ କ୍ରୀଡ଼ା ଭାବରେ ଏଠାରେ ରକ୍ କ୍ଲାଇମ୍ବିଂ ଏବଂ ପାରାଗ୍ଲାଇଡିଂର ମଧ୍ୟ ଖୁବ୍ ଆଦର ରହିଛି। ଅରିତାରର ଜାତୀୟ ସଂସ୍କୃତି ଓ ଭୋଜନ ସମଗ୍ର ବିଶ୍ୱର ପର୍ଯ୍ୟଟକଙ୍କ ନିକଟରେ ବେଶ୍ ଲୋକପ୍ରିୟତା ଲାଭ କରିଛି। ଉତ୍ସବ ସମୟରେ ଏଠାରେ ସ୍ଥାନୀୟ ସ୍ୱାଦିଷ୍ଟ ଭୋଜନର ବ୍ୟତୀତ ପୋଡ଼ା ମାଂସ ଖାଇବା ଏବଂ ସ୍ଥାନୀୟ ମଦ ପିଇବାର ମଜା ନେଇଥାନ୍ତି ପର୍ଯ୍ୟଟକ।

## ଆଖପାଖର ପର୍ଯ୍ୟଟନସ୍ଥଳ

ଯଦି ଆପଣଙ୍କ ପାଖରେ କିଛି ଅଧିକ ସମୟ ଅଛି ତା'ହେଲେ ଆପଣ ଅରିତାର ଦେଖିସାରି, ଦୁଃସାହସିକ କ୍ରୀଡ଼ାର ମଜା ନେଇସାରି ଏହାର ଆଖପାଖରେ ଥିବା ଅନ୍ୟାନ୍ୟ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳଗୁଡ଼ିକୁ ବୁଲି ଦେଖିପାରିବେ। ଏଭଳି ସ୍ଥାନଗୁଡ଼ିକ ମଧ୍ୟରେ ରହିଛି ଲମ୍ପୋଖରି ହ୍ରଦ (ଏହି ହ୍ରଦ ଅରିତାର ହ୍ରଦ ଓ ଘାଟି-ସୋ ନାମରେ ମଧ୍ୟ ଜଣାଶୁଣା), ଅରିତାର ଗୁମ୍ଫା, ମଙ୍ଗସିମ ଓ ଲବ ଦାରା ଅନ୍ୟତମ। ଏହି ସବୁ ସ୍ଥାନକୁ ମଧ୍ୟ ଦେଶ ବିଦେଶରୁ ପ୍ରତ୍ୟହ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ।



ଯଦି ଆପଣ ପ୍ରକୃତି ଓ ଦୁଃସାହସିକ କ୍ରୀଡ଼ାପ୍ରେମୀ, ତା'ହେଲେ ବ୍ୟସ୍ତ ଦିନଚର୍ଯ୍ୟାରୁ କିଛି ସମୟ ବାହାର କରି ଅରିତାର ନିଶ୍ଚୟ ଆସନ୍ତୁ। ଏଠାରେ ଆପଣ ପାହାଡ଼ ଉପରେ ଟ୍ରେକିଂ କରିପାରିବେ, ନୌକାବିହାର କରିପାରିବେ। ଏଠାରେ ବୁଲିବା ସମୟରେ ଆପଣ ଜଙ୍ଗଲର ସବୁଜିମା କୋଳରେ ନିଜକୁ ଭୁଲିଯିବେ, ସୁନ୍ଦର ବଡ଼ ବଡ଼ ବୃକ୍ଷ ଓ ଝରଣା, ପ୍ରପାତ ଆପଣଙ୍କ ଭିତରେ ଏକଦମ୍ ତାଜାପଣ ଭରିଦେବେ। ଅରିତାରରେ ବର୍ଷସାରା ଆରାମଦାୟକ ପାଣିପାଗ ରହୁଥିବାରୁ ଆପଣ ବର୍ଷର ଯେ କୌଣସି ସମୟରେ ବୁଲି ଆସିବାରେ କୌଣସି ଅସୁବିଧା ନାହିଁ।

## କେମିତି ଯିବେ ?

ସିକ୍କିମର ଯେକୌଣସି ସହରରୁ ଅରିତାରରେ ପହଞ୍ଚିବାର ସବୁଠୁ ସହଜ ଉପାୟ ହେଉଛି ଟ୍ୟାକ୍ସି। ଗ୍ୟାଙ୍ଗଟକ୍‌ରୁ ମାତ୍ର ତିନି ଘଣ୍ଟା ଯାତ୍ରା କଲେ ଆପଣ ଅରିତାରରେ ପହଞ୍ଚିଯିବେ। ଯଦି ଆପଣ ରେଳ ଯୋଗେ ଆସିବାକୁ ଚାହୁଁଛନ୍ତି, ଆପଣ ସିଲିଗୁଡ଼ି ଆସି ସେଠାରୁ ଅରିତାର ଯାଇପାରିବେ। ସିଲିଗୁଡ଼ିକୁ ଗୌହାଟୀ, ଚେନ୍ନାଇ, ତ୍ରିଭେନ୍ଦ୍ରମ, ସିକନ୍ଦରାବାଦ ଓ କୋଚିନ ଆଦି ସହରରୁ ରେଳ ସୁବିଧା ରହିଛି। ବିମାନ ଯୋଗେ ଆସିବାକୁ ଚାହୁଁଥିଲେ ସିଲିଗୁଡ଼ିକୁ ଆସି ସେଠାରୁ ଟ୍ୟାକ୍ସି, ବସ୍ ଯୋଗେ ଅରିତାର ଯାଇପାରିବେ। ସିଲିଗୁଡ଼ିକୁ ମୁମ୍ବାଇ, ଚେନ୍ନାଇ, ନୂଆଦିଲ୍ଲୀ, କୋଲକାତା ସହରରୁ ବିମାନ ଯୋଗାଯୋଗ ରହିଛି।







ମନୋରଞ୍ଜନ




# ସେପ୍ଟେମ୍ବରରେ ଆସୁଛି 'ସମୀକ୍ଷା'





ବିକ୍ୟୁବ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର୍ ଅନ୍ତର୍ଗତ ଆସନ୍ତା ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ମୁକ୍ତିଲାଭ କରିବ ଓଡ଼ିଆ ଚଳଚ୍ଚିତ୍ର 'ସମୀକ୍ଷା'। ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ପ୍ରଭାସିନୀ ପାଇଯୋଶୀ ଓ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ବର୍ଷିଆନ ନିର୍ଦ୍ଦେଶକ ରଞ୍ଜନ ମିଶ୍ର। ଫିଲ୍ମର ସଂଳାପ ଓ ଗୀତ ରଚନା କରିଛନ୍ତି ଅଭିଜ୍ଞ ସଚ୍ଚି ମହାନ୍ତି ଓ ଗୀତିକାର ପଞ୍ଚାନନ ନାୟକ। ନିର୍ଦ୍ଦେଶନା ଦେଇଛନ୍ତି ଯଜ୍ଞ ଦାଶ ଏବଂ ବିଦ୍ୟାଧର। କଣ୍ଠଦାନ କରିଛନ୍ତି ପଣ୍ଡିତ ଶିବ ରଥ ଏବଂ କରୁଣାକର। ତ୍ୟାଗ ଓ ସଂଘର୍ଷ ଉପରେ ଫିଲ୍ମର କାହାଣୀଟି ଆଧାରିତ। ଜଣେ ଅସୁସ୍ଥ ବୃଦ୍ଧଙ୍କର ମାନସିକ ଓ ଶାରୀରିକ ସମସ୍ୟା ଏଥିରେ ପ୍ରତିଫଳିତ ହୋଇଛି। ପରିବର୍ତ୍ତିତ ସାମାଜିକ ସମସ୍ୟା କିପରି ଧୀରେ ଧୀରେ ବୟସ୍କଙ୍କୁ ଏକା ବଞ୍ଚିବାକୁ ଓ ମରିବାକୁ ବାଧ୍ୟ କରୁଛି ଏବଂ କିପରି ଏହି ସମସ୍ୟାର ସମାଧାନ ହୋଇଛି ତାହାକୁ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ, ପ୍ରଭଞ୍ଜନ ମିଶ୍ର, ଅଭିଳାଷ ହୋତା, ବିକାଶ ପଟ୍ଟନାୟକ, ବବ୍ଲୀ, ବୁଲଟି, ଭରଦ୍ୱାଜ, ଅଂଶିତା, ଅପୂର୍ବ, ଧାରା ଶ୍ରାବଣୀ, ମମତା, କ୍ରିଷ୍ଣା ଓ ଶିଶୁ କଳାକାର ଆନିକା ପଟ୍ଟନାୟକଙ୍କ ସମେତ ଆହୁରି ଅନେକ କଳାକାର। ତେବେ ଚଳଚ୍ଚିତ୍ର ମାଧ୍ୟମରେ ସମାଜ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ରହିଛି। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜ ଭୁଲ୍‌କୁ ସୁଧାରିବା ସହିତ ଅବାଟରେ ଯାଉଥିବା ବ୍ୟକ୍ତିବିଶେଷ ନିଜକୁ ସୁଧାରି ପାରିବ ବୋଲି ଚଳଚ୍ଚିତ୍ରର ପ୍ରଯୋଜକ ବିକାଶ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି। 'ସମୀକ୍ଷା' ଚଳଚ୍ଚିତ୍ର ନିଶ୍ଚିତ ଭାବେ ସମାଜର ଏକ ପ୍ରକାର ପରିବର୍ତ୍ତନର ବାର୍ତ୍ତାବହ ହେବ ବୋଲି ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଥିବା ମିଡିଆ ପ୍ଲାନ୍‌ର ମୁଖ୍ୟ ପ୍ରଣୟ ଜେଠୀ କହିଛନ୍ତି।





# ନୂଆ ଆହ୍ୱାନ ସହିତ ଫେରୁଛି 'ବାଲ୍‌ବୀର-୫'

ଆମ ଦେଶର ଏକ ପସନ୍ଦଯୋଗ୍ୟ ଶୋ' 'ବାଲ୍‌ବୀର'ର ଏ ପର୍ଯ୍ୟନ୍ତ ଚାରୋଟି ସିଜିନ୍ ଆସିସାରିଛି। ସବୁ ସିଜିନ୍‌ରେ 'ବାଲ୍‌ବୀର' ଦର୍ଶକମାନଙ୍କୁ ଆକର୍ଷିତ କରି ରଖିଥିଲା। ତେବେ ଏକ ଅପଡେଟ୍ ଅନୁସାରେ 'ବାଲ୍‌ବୀର' ଏକ ରୋମାଞ୍ଚକ ସିଜିନ୍ ସହିତ ପୁଣି ଥରେ ଫେରୁଛି। ଏଥର ବାଲ୍‌ବୀର, ପରମ ନାମକ ଏକ ଶତ୍ରୁର ସମ୍ମୁଖୀନ ହେବ। ଅପ୍ଟିମିଷ୍ଟିକ୍ସ ଏଣ୍ଟରଟେନ୍‌ମେଣ୍ଟର ଏହି ସିଜିନ୍‌ରେ ଦେବ ଯୋଶୀ ଶକ୍ତିଶାଳୀ ବାଲ୍‌ବୀର ଭୂମିକାରେ ନଜର ଆସିବେ। ଏଥିରେ ଭିଲେନ୍ ଭୂମିକାରେ ଅଭିନୟ କରୁଛନ୍ତି ଭେଙ୍କଟେଶ ପାଣ୍ଡେ। ଅଦିତି ସନୱାଲ୍ ଏଥିରେ କାଶ୍ୱୀ, ଅଦା ଖାନ-ଏଜଲ୍, ଆଦିତ୍ୟ ରଣବିଜୟ-ଅଜେୟ ଶଶମାଗ ଭୂମିକାରେ ନଜର ଆସିବେ। ନୂଆ ସିଜିନ୍‌ରେ ନୂଆ କାହାଣୀ ଓ ବଢ଼ିଆ ଆକ୍ସନ୍ ସିକ୍ୱେନ୍ସ ଦେଖିବାକୁ ମିଳିବ। ଏବେ ବାଲ୍‌ବୀର ନୂଆ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବାକୁ ଯାଉଛି। ତେବେ ଏହି ସଂଘର୍ଷରେ ବାଲ୍‌ବୀର ଜିତିବ କି ତା'ର ଶତ୍ରୁମାନେ ଜିତିବେ ତାହାର ସସ୍ପେନ୍ସ ଦର୍ଶକମାନଙ୍କୁ ବାନ୍ଧି ରଖିବ। ବହୁତ ଶୀଘ୍ର 'ବାଲ୍‌ବୀର-୫' ସୋନି ଲାଇଭ୍‌ରେ ଷ୍ଟ୍ରିମ୍ ହେବ। ତେବେ ଓଟିଟିରେ ଏହାର ପ୍ରସାରଣକୁ ନେଇ କୌଣସି ଆଧିକାରିକ ଘୋଷଣା ହୋଇନାହିଁ। ଏହାର କାହାଣୀ ଓ ସୁପରହିଟ୍ ଆକ୍ସନ୍ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ମନୋରଞ୍ଜନ ଯୋଗେଇ ଆସିଛି।

# ଅଗଷ୍ଟରେ ରିଲିଜ ହେବ ୧୧ଟି ଫିଲ୍ମ




ଫିଲ୍ମ ପ୍ରେମୀମାନଙ୍କ ପାଇଁ ଏ ମାସଟି ବହୁତ ଖାସ୍। କାରଣ ଏ ମାସରେ ରିଲିଜ ହେବ ୧୧ଟି ଫିଲ୍ମ। ଏହି ସୂଚୀରେ ରହିଛି ୨ଟି ହରର୍ ଫିଲ୍ମ। ଏହା ସହିତ କମେଡି, ଆକ୍ସନ୍-ଥ୍ରୀଲର୍ ମଧ୍ୟ ଦର୍ଶକଙ୍କ ପାଇଁ ରହିଛି। ଅକ୍ଷୟ କୁମାରଙ୍କ ଠାରୁ ଆରମ୍ଭ କରି ଶ୍ରଦ୍ଧା କପୁରଙ୍କ ପରି କଳାକାରମାନଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ ସବୁ ରହିଛି। ଆସନ୍ତା ମାସର ପ୍ରଥମ ସପ୍ତାହରୁ ଏହି ଫିଲ୍ମଗୁଡ଼ିକ ରିଲିଜ ହେବା ଆରମ୍ଭ ହୋଇଯିବ। ତେବେ ଅଗଷ୍ଟ ୨ରେ ତିନୋଟି ହିନ୍ଦୀ ଫିଲ୍ମ 'ଔରୋଁ ମେଁ କାହାଁ ଦମ୍ ଥା', ଜାହ୍ନବୀ କପୁରଙ୍କ ସ୍ପାଇ-ଥ୍ରୀଲର୍ 'ଉଲଝ୍' ଓ ଛାୟା କଦମଙ୍କ ହରର୍-ଥ୍ରୀଲର୍ 'ବାର୍ଡୋଭି' ରିଲିଜ ହେବ। ଏହା ବ୍ୟତୀତ ଜ୍ୟାଚରୀ ଲେଭି ହାରୋଲ୍ଡଙ୍କ 'ହାରୋଲ୍ଡ ଆଣ୍ଡ୍ ଦ ପର୍ପଲ୍ କ୍ରେୟନ୍' ମଧ୍ୟ ରହିଛି। ୯ ତାରିଖରେ 'ଆଲିୟା ବସୁ ଗାୟବ୍ ହେ' ଓ 'ଘୁସ୍‌ପୈଠିୟା' ରିଲିଜ ହେବ। ଏଥିରେ ଉର୍ବଶୀ ରୌତେଲା, ଅକ୍ଷୟ ଓବେରୟ ଓ ବିନୀତ କୁମାର ସିଂହ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ୧୫ ଅଗଷ୍ଟରେ ପାଞ୍ଚଟି ବଡ଼ ବଜେଟ୍‌ର ଫିଲ୍ମ ରିଲିଜ ହେବ ଯେଉଁଥିରେ ରହିଛି ହରର୍-କମେଡି 'ସ୍ତ୍ରୀ-୨', ଅକ୍ଷୟ କୁମାରଙ୍କ ଖେଲ୍ ଖେଲ୍ ମେଁ, ସଞ୍ଜୟ ଦତ୍ତ ଅଭିନୀତ ଡବଲ୍ ସ୍ମାର୍ଟ, ଜନ୍ ଆବ୍ରାହମ୍‌ଙ୍କ 'ବେଧା', ଚିୟାନ ବିକ୍ରମଙ୍କ 'ଥଙ୍ଗାଲାନ୍'। ୨୩ରେ ରିଲିଜ ହେବ ଫାଣ୍ଟାସୀ-ହରର୍ 'ଅମିଗୋ' ଓ ୩୦ରେ ରିଲିଜ ହେବ ହରର୍-ମିଷ୍ଟ୍ରି 'ଆଫ୍ରେଡ୍', ଡ୍ୟାମ୍ପିଂ ଭିଲେଜ- ଦ କର୍ସ ବିଗିନ୍ସ।



# 'ଦେବରା' ଦୁନିଆରେ ବବିଙ୍କ ଏଣ୍ଟ୍ରି

ୱେବ୍ ସିରିଜ 'ଆଶ୍ରମ' ପରେ 'ଲଭ୍ ହଷ୍ଟେଲ୍' ଓ 'ଆନିମଲ୍' ଫିଲ୍ମରେ ଖଳନାୟକ ଭୂମିକାରେ ଅଭିନୟ କରି ଅଭିନେତା ବବି ଦେଓଲ୍ ଖୁବ୍ ପ୍ରଶଂସା ସାଉଁଟିଛନ୍ତି। ଏହି କ୍ରମରେ ଦକ୍ଷିଣ ଭାରତୀୟ ଦୁଇଟି ସିନେମାରେ ବବି ଖଳନାୟକ ଭୂମିକାରେ ଅଭିନୟ କରୁଛନ୍ତି। ଏବେ ଜୁନିଆର୍ ଏନ୍‌ଟିଆର୍ ଓ ସୈଫ୍ ଅଲୀ ଖାନ ଅଭିନୀତ ଫିଲ୍ମ 'ଦେବରା-୧'ରେ ବବିଙ୍କର ଏଣ୍ଟ୍ରି ହୋଇଥିବାର ଖବର ମିଳୁଛି। ଏହା ସହିତ ସୈଫ୍ ଅଲୀ ଖାନ ଓ ଜାହ୍ନବୀ କପୁର ଦକ୍ଷିଣ ଭାରତୀୟ ସିନେମାରେ ପ୍ରବେଶ କରିବେ। ଏଥିରେ ଖଳନାୟକ ଭୂମିକାରେ ଅଭିନୟ କରିବେ ବବି ଦେଓଲ। ଦୁଇଟି ପାର୍ଟରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ବବିଙ୍କର ଚରିତ୍ରଟି ବହୁତ ଛୋଟ ହୋଇଥିବା ବେଳେ ଦ୍ୱିତୀୟ ଭାଗରେ ମଧ୍ୟ ସମାନାନ୍ତର ଭାବରେ ତାଙ୍କର ଭୂମିକା ରହିଛି। ଫିଲ୍ମର ନିର୍ମାତା ଓ ନିର୍ଦ୍ଦେଶକ କୋରାତଲା ଶିବା ଏହି ସୂଚନା ଦେଇଛନ୍ତି। ତେବେ ଜାହ୍ନବୀ ତାଙ୍କ ଭାଗର କିଛି ଅଂଶର ସୁଟିଂ କରିସାରିଲେଣି। ଫିଲ୍ମଟିର ଦ୍ୱିତୀୟ ଭାଗଟି ରୋଚକପୂର୍ଣ୍ଣ ମୋଡ଼ ନେବ। ଫିଲ୍ମ 'ଦେବରା-୧' ସେପ୍ଟେମ୍ବର ୨୭ରେ ରିଲିଜ ହେବ। 'ଆର୍‌ଆର୍‌ଆର୍' ପରେ ପ୍ୟାନ୍ ଇଣ୍ଡିଆ ସହିତ ଜୁନିୟର୍ ଏନ୍‌ଟିଆର୍‌ଙ୍କର ଏହା ହେଉଛି ଦ୍ୱିତୀୟ ଫିଲ୍ମ।

# କାହାଣୀରେ ଆସିବ ରୋମାଞ୍ଚକ ମୋଡ଼





ଜୀ ସାର୍ଥକ ତା'ର ମନୋରଞ୍ଜନଭିତ୍ତିକ ରିୟଲିଟି ଶୋ' ଓ ଧାରାବାହିକ ଦ୍ୱାରା ସର୍ବଦା ଦର୍ଶକଙ୍କ ମନ ଜିତିଆସିଛି। ଦର୍ଶକଙ୍କ ପସନ୍ଦକୁ ଗୁରୁତ୍ୱ ଦେବା ସହିତ ଓଡ଼ିଆ ଘରର କାହାଣୀ, ପର୍ବପର୍ବାଣି ଓ ପରମ୍ପରାକୁ ତା'ର ପ୍ରୋଗ୍ରାମ ମାଧ୍ୟମରେ ଆପଣଙ୍କ ପାଖରେ ପହଞ୍ଚାଇବାକୁ ସର୍ବଦା ଚେଷ୍ଟା କରି ଆସିଛି ଜୀ ସାର୍ଥକ। ଆସନ୍ତା ଜୁଲାଇ ୨୯ରୁ ପ୍ରସାରିତ ସମସ୍ତ ମେଗା ଧାରାବାହିକର କାହାଣୀରେ ଆସିବ ରୋମାଞ୍ଚକ ନୂଆ ମୋଡ଼। ଜୀ-ସାର୍ଥକରେ ସନ୍ଧ୍ୟା ୬:୩୦ରୁ ୯:୩୦ ପର୍ଯ୍ୟନ୍ତ ୬ଟି ଲୋକପ୍ରିୟ ମେଗା ଧାରାବାହିକର ସମସ୍ତ କାହାଣୀ ଦ୍ରୁତ ଭାବରେ ଗତିଶୀଳ ହେବା ସହ ଦର୍ଶକଙ୍କୁ ବାନ୍ଧି ରଖିବ। ସମ୍ପୂର୍ଣ୍ଣ ଓଡ଼ିଆ ଘରର କାହାଣୀ ଓ ପରମ୍ପରାକୁ ନେଇ ଓଡ଼ିଶାର ଲୋକପ୍ରିୟ ଧାରାବାହିକ 'ସନ୍ଧ୍ୟା ରାଗିଣୀ' ସବୁ ସପ୍ତାହରେ ଅଧିକରୁ ଅଧିକ ଦର୍ଶକଙ୍କ ଭଲ ପାଇବା ସାଉଁଟୁଛି। ଏବେ କାହାଣୀରେ ରାଗିଣୀ ଓ ସଂଗୀତଙ୍କ ମନ ସହ ମନର ମିଳନ ହେବାକୁ ଯାଉଛି ଓ ଆଉ ଅନ୍ୟପଟେ ସନ୍ଧ୍ୟାର ହକି ଖେଳିବାର ସ୍ୱପ୍ନ ସତ ହେବାକୁ ଯାଉଛି। 'ମଧୁର ସଂସାର'ରେ ଦେଖିପାରିବେ ମଧୁ କିପରି ଏତେଗୁଡ଼ିଏ ପ୍ରତିକୂଳ ପରିସ୍ଥିତିରେ ତା'ର ଶାଶୁ ଓ ପରିବାରର ଅନ୍ୟ ସଦସ୍ୟଙ୍କ ହାତ ଧରି ସଂସାର ରଥକୁ ଆଗକୁ ନେଉଛି। ସେପଟେ 'ସୁନା ଝିଅ'ରେ ପ୍ରିୟା, ବିଷ୍ଣୁଙ୍କ ପରିବାରର ସଦସ୍ୟଙ୍କ ଭିତରେ ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା ଉପରେ ଆଧାରିତ କାହାଣୀ ଦେଖିବାକୁ ମିଳିବ। ମେଗା ଧାରାବାହିକ 'ତୁମ ବିନା'ରେ ଦେଖିବେ ବିଧାତା କେମିତି ଅକ୍ଷୟ ଆଉ ଲକ୍ଷ୍ମୀଙ୍କୁ ପାଖକୁ ଆଣି ତାଙ୍କ ପ୍ରେମ କାହାଣୀକୁ ଆଗକୁ ବଢ଼ାଉଛି ଓ ଆପଣଙ୍କ ପସନ୍ଦଯୋଗ୍ୟ ଧାରାବାହିକ 'ତୁ ଖରା ମୁଁ ଛାଇ'ରେ ଏବେ ଧରାପଡିବ ସବୁ ସତ ଓ ମିଛ ଆଉ କାହାଣୀରେ ଯୋଡ଼ି ହୋଇଥିବା ନୂଆ ଚେହେରା କେମିତି କାହାଣୀକୁ ରୋଚକ ମୋଡ଼କୁ ନେଉଛନ୍ତି। 'ଭାଗ୍ୟରେଖା' ଏକ ହୃଦୟସ୍ପର୍ଶୀ ପ୍ରେମ କାହାଣୀ। ଏଥିରେ ଦେଖିବେ ଜୀବନର ଦୋଛକିରେ ଭାଗ୍ୟ ଓ ରେଖାଙ୍କ ଭାଗ୍ୟରେଖା କେମିତି ସେମାନଙ୍କ ପ୍ରେମ କାହାଣୀକୁ ଆଗକୁ ବଢ଼ାଉଛି ଓ ଆଗକୁ ଆସିଥିବା ଆକସ୍ମିକ ବିପଦକୁ ଦୁଇଜଣ କିପରି ସାମ୍ନା କରୁଛନ୍ତି।

# ପିଲାଙ୍କ ପାଇଁ ବର୍ଷାଦିନିଆ ଟିପ୍ସ



ଋତୁ ପରିବର୍ତ୍ତନ ଅନୁସାରେ ମଧ୍ୟ ଅନେକ ପ୍ରକାର ରୋଗ ମଧ୍ୟ ଦେଖାଯାଇଥାଏ, ଯାହାକୁ 'ସିଜିନାଲ ଡିଜିଜ୍'ବି କହାଯାଏ।  ବିଶେଷକରି ବର୍ଷାଦିନରେ ଥଣ୍ଡା, ଜ୍ୱର ଭଳି ରୋଗ ଦେଖାଯାଇଥାଏ। ଏହି ଋତୁରେ ପିଲାମାନେ ମଧ୍ୟ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ସେମାନଙ୍କ ନିକଟରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ଅନେକ ରୋଗ ସହଜରେ ଆକ୍ରାନ୍ତ କରିପାରେ। ଫଙ୍ଗାଲ୍, ବ୍ୟାକ୍ଟେରିଆଲ୍, ପାରାସିଟିକ୍ ଇନ୍‌ଫେକ୍‌ସନ୍ ଅଧିକ ଦେଖାଯାଇଥାଏ। ଫଳରେ ରୋଗ ଜୀବାଣୁଗୁଡ଼ିକ ଶରୀରର ମଧ୍ୟରେ ପ୍ରବେଶ କରି ନାନାଦି ରୋଗ ସୃଷ୍ଟି କରିଥାନ୍ତି। ବର୍ଷାଦିନେ ପିଲାଙ୍କ ସ୍ୱାସ୍ଥ୍ୟ ଜଗିଚଳିବା ନିହାତି ଆବଶ୍ୟକ। ଟିକେ ଟିକେ ଅସାବଧାନତା ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗାଡ଼ି ଦେଇପାରେ। ଯଦି ଟିକେ ସାବଧାନତା ଅବଲମ୍ବନ କରିବା, ତା'ହେଲେ ପିଲାଙ୍କ ସ୍ୱାସ୍ଥ୍ୟ ଖରାପ ହେବନାହିଁକି ଡ଼ାକ୍ତରଖାନା ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ ।

ଘର ଆଖପାଖରେ ପାଣି ଜମିବା କାରଣରୁ ମଶାଙ୍କର ବଂଶ ବୃଦ୍ଧି ହୋଇଥାଏ। ଏହା ସହିତ ମଧ୍ୟ ଅନେକ ରୋଗ ସୃଷ୍ଟିକାରୀ ଜୀବାଣୁ ମଧ୍ୟ ଉତ୍ପନ୍ନ ହୋଇଥାନ୍ତି। ଫଳରେ ଅନେକ ରୋଗ ଏହାଦ୍ୱାରା ସୃଷ୍ଟି ହେବାର ସମ୍ଭାବନା ଥାଏ । ତେଣୁ ଘରେ ସବୁବେଳେ ମଶାରୀ ବ୍ୟବହାର କରିବା ଦରକାର।


ବର୍ଷାଦିନରେ ବିଶେଷକରି ଜଳବାହିତ ରୋଗ ଅଧିକ ଦେଖାଯାଇଥାଏ। ଡାଇରିଆ, ଟାଇଫଏଡ୍ ଭଳି ରୋଗ ବେଶି ପରିମାଣରେ ଦେଖାଯାଇଥାଏ। ସେଥିପାଇଁ ଶୁଦ୍ଧ ପାନୀୟ ଜଳ କିମ୍ବା ଫୁଟାଯାଇଥିବା ପାଣି ବ୍ୟବହାର କରିବାକୁ ଦେବା ଦରକାର। ଖାଦ୍ୟପଦାର୍ଥକୁ ସବୁବେଳେ ଘୋଡ଼େଇ ରଖିବା ଦରକାର। ମାଛି କିମ୍ବା କୌଣସି ଜୀବାଣୁ ଯେମିତି ଏହା ସଂସ୍ପର୍ଶରେ ନ ଆସିବେ, ସେଥିପାଇଁ ଧ୍ୟାନ ଦେବା ଦରକାର।

ପିଲାମାନେ ସବୁବେଳେ ବାହାରେ ବୁଲିବାକୁ ପସନ୍ଦ କରିଥାନ୍ତି। ବର୍ଷାଦିନେ ବର୍ଷାରେ ଭିଜିବା ମଧ୍ୟ ପିଲାଙ୍କର ଆଉ ଏକ ଦୁର୍ବଳତା। ବାହାରେ ପିଲାଙ୍କ ସହିତ ଖେଳିବା, ବର୍ଷାରେ ଓଦା ହେବା ଦ୍ୱାରା ଥଣ୍ଡା, ଜ୍ୱର ଆଦି ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ବର୍ଷାଦିନରେ ପିଲାଙ୍କୁ ଏସବୁ କାମରୁ ବାରଣ କରିବା ଦରକାର । ଯଦି ପିଲାମାନେ ବାହାରେ ସାଙ୍ଗମାନଙ୍କ ସହ ଖେଳୁଛନ୍ତି, ସେଥିରୁ ବିରତ ହେବାକୁ କୁହନ୍ତୁ। ଘରେ ଇନ୍‌ଡୋର ଗେମ୍‌ର ବ୍ୟବସ୍ଥା କରନ୍ତୁ। ଯଦି ମନୋରଞ୍ଜନ କରିବାକୁ ପିଲା ଚାହୁଁନ୍ତି, ସେମାନଙ୍କ ପାଇଁ ଘରେ ସେସବୁର ବନ୍ଦୋବସ୍ତ କରନ୍ତୁ । ବର୍ଷାଦିନରେ ଷ୍ଟ୍ରିଟ୍ ଫୁଡ୍ ନଖାଇବାକୁ ପିଲାଙ୍କୁ କୁହନ୍ତୁ । ପିଲାଙ୍କୁ ବରଂ ଏହି ସମୟରେ ହେଲ୍‌ଦି ଫୁଡ୍ ଖାଇବାକୁ ଦିଅନ୍ତୁ। ଆବଶ୍ୟକ ପରିମାଣରେ ସୁପ୍,ଫଳ, ଓଟସ୍, କ୍ଷୀର ଆଦି ଦିଅନ୍ତୁ।





କ୍ୟାରିୟର



# ସବୁବେଳେ ଶିଖିବାକୁ ପଡ଼ିବ

ପାଠପଢ଼ା ସରିବା ପରେ ଯେକୌଣସି ସଂସ୍ଥାରେ ଚାକିରି କରିଗଲେ, କାମ ସରିଗଲା ବୋଲି ଭାବିବା ଅନୁଚିତ। ଜ୍ଞାନ ପ୍ରତ୍ୟେକ ସମୟରେ କାର୍ଯ୍ୟରେ ଲାଗେ। ଆମେ ଯେଉଁ ଜ୍ଞାନ ଆହରଣ କରିଛନ୍ତି, ତାହା ଯେ ଆମର ସାରା ଜୀବନ ବଞ୍ଚିବା ପାଇଁ ଯଥେଷ୍ଟ ଭାବିବା ଅନୁଚିତ। ମନୁଷ୍ୟର ସବୁବେଳେ ଜ୍ଞାନର ଆବଶ୍ୟକତା ରହିଛି। ଯେଉଁଠି ଯାହା କର୍ମସଂସ୍ଥାନ ଯୋଗାଡ଼ କଲେ ବି ଜ୍ଞାନ ଆମର ପରିଚୟ ପ୍ରଦାନ କରିଥାଏ। ଏଣୁ ସଦାସର୍ବଦା ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି। ଟଙ୍କା, ସୁନା, ଗହଣା କି ଧନ ସଂପଦ କାହାକୁ ଦେଇଦେଲେ ସିନା କମିଯାଏ କିନ୍ତୁ ଜ୍ଞାନ ଅନ୍ୟକୁ ବିତରଣ କଲେ ବଢ଼ିଥାଏ। ତେଣୁ ଯଥାର୍ଥରେ କୁହାଯାଏ, ସମସ୍ତେ ସବୁ ନେଇପାରନ୍ତି କିନ୍ତୁ ଜ୍ଞାନକୁ କେହି ଚୋରେଇ ନେଇପାରନ୍ତି ନାହିଁ। ଆମେ ଯେକୌଣସି ସ୍ଥାନରେ ଥିଲେ ବି ଜ୍ଞାନ ହିଁ ଆମକୁ ବିପଦଆପାଦରୁ ରକ୍ଷା କରିପାରେ। ଜ୍ଞାନଥିବା ଲୋକ କୌଣସି ଜାଗାରେ ହାରେ ନାହିଁ। ଆମେ ଯଦି ବୌଦ୍ଧିକ ବିକାଶ କରିପାରିଲେ ନାହିଁ, ତା'ହେଲେ ନିଜକୁ ଯୁଗ ସହ ତାଳ ଦେଇ ଚାଲିପାରିବା ନାହିଁ। ସମୟ ବଦଳିବା ସହିତ ଆମକୁ ସମୟ ସହିତ ତାଳ ଦେଇ ଚାଲିବାକୁ ହେଲେ ନିଜର ବିଷୟାଗତ ଜ୍ଞାନ ସହିତ ଅନ୍ୟାନ୍ୟ ବାବଦରେ ମଧ୍ୟ





*ସୁନାମଧନ୍ୟ ସମାଜସେବିକା, ପରିବେଶବିତ, ନାରୀଶିକ୍ଷାର କ୍ରାନ୍ତୀକାରୀ ଅଗ୍ରଦୂତ ତଥା ଦେଶୀ ଧାନ ବିହନ ସଂରକ୍ଷଣର ଅନନ୍ୟ ପୂଜାରୀ ପଦ୍ମଶ୍ରୀ କମଳା ପୂଜାରୀ ଆଉ ନାହାଁନ୍ତି। ୮୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ପାରମ୍ପରିକ ଚାଷ, ଜୈବିକ କୃଷିକୁ ପ୍ରୋତ୍ସାହନ, ବିଭିନ୍ନ କିସମର ଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟ ବିହନ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ କମଳା। ଜୈବିକ କୃଷି ପଦ୍ଧତି ସମ୍ପର୍କରେ ତାଲିମ ଗ୍ରହଣ ପରେ ଲୋପ ପାଇଯାଉଥିବା ୧୦୦ରୁ ଅଧିକ କିସମ ଦେଶୀ ଧାନ ବିହନ ସଂରକ୍ଷଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ କମଳା। ଧାନର ଉତ୍ପତ୍ତିସ୍ଥଳୀ ଜୟପୁର ହୋଇଥିବାରୁ ଏହି ଅଞ୍ଚଳର ବିରଳ କଳାଜିରା ଧାନକୁ ବିଶ୍ୱସ୍ତରରେ ଦେଇଥିଲେ ସ୍ୱତନ୍ତ୍ର ପରିଚୟ। ସମଗ୍ର ବିଶ୍ୱରେ ନୂତନ ଜ୍ଞାନ କୌଶଳରେ ଚାଷ ହେଉଥିବା ବେଳେ ପାରମ୍ପରିକ ପଦ୍ଧତିରେ ଧାନ ଉତ୍ପାଦନ ଓ ସଂରକ୍ଷଣ କରି ରଖିବା କ୍ଷେତ୍ରରେ ସମାଜକୁ ନୂଆ ଦିଗଦର୍ଶନ ଦେଇଛନ୍ତି କମଳା। ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ୨୦୧୯ ମସିହାରେ ଭାରତ ସରକାର କମଳାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ୨୦୧୮ରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଭାବେ ମଧ୍ୟ ମନୋନୀତ ହୋଇଥିଲେ। ଏହା ପୂର୍ବରୁ ୨୦୦୨ ମସିହାରେ ଦକ୍ଷିଣ ଆଫ୍ରିକାର ଜୋହନସବର୍ଗରେ ଆୟୋଜିତ ବିଶ୍ୱ ନିରନ୍ତର ବିକାଶ ସମ୍ମିଳନୀରେ ଇକ୍ୱେଟର ଇନିସିଏଟିଭ ଆୱାର୍ଡ଼ ୨୦୦୩ରେ ନୂଆଦିଲ୍ଲୀରେ କୃଷି ବିଷାରତ ସମ୍ମାନ, ୨୦୦୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କୃଷି ସମ୍ମାନ, ୨୦୧୭ରେ ଇଟିଭି ପ୍ରତିଭା ସମ୍ମାନ, ୨୦୧୭ରେ ପ୍ରଦ୍ୟୁମ୍ନ ବଳ ସମ୍ମାନ, ୨୦୧୭ରେ ପରବ ସମ୍ମାନ ସହ ବନ ସୁରକ୍ଷା ସମିତି, ପଞ୍ଚବଟୀ ଗ୍ରାମ୍ୟ ଉନ୍ନୟନ ଭଳି ଅନେକ ସମ୍ମାନର ଅଧିକାରିଣୀ ହୋଇଥିଲେ କମଳା। ଓଡ଼ିଶା ସରକାର ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ମହିଳା ଛାତ୍ରୀ ନିବାସକୁ କମଳାଙ୍କ ନାମରେ ନାମିତ କରିଛନ୍ତି।*

**ଡ଼ଃ.ଅରୁନ୍ଧତୀ ଦେବୀ**

# ପ୍ରଣମ୍ୟ ପଦ୍ମଶ୍ରୀ କମଳା ପୂଜାରୀ













ସୂଚନାଯୋଗ୍ୟ କି ପଦ୍ମଶ୍ରୀ କମଳା ଥିଲା କୋରାପୁଟ ଜିଲ୍ଲା ସମେତ ରାଜ୍ୟର ଗର୍ବ, ଗୌରବ। ଶହେରୁ ଅଧିକ କିସମର ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ତାଙ୍କ ଅବଦାନ ଥିଲା ଅତୁଳନୀୟ। ୧୯୪୫ ମସିହାରେ ସେ କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକର କାଣ୍ଡିକିଗୁଡ଼ା ଗାଁରେ ଜନ୍ମ ଗ୍ରହଣ କରିଥିଲେ। ବିବାହ କରିଥିଲେ ଜୟପୁର ବ୍ଲକ ପାତ୍ରପୁଟ ନିବାସୀ କୃଷ୍ଣ ପୂଜାରୀଙ୍କୁ। ଦୁଇ ପୁଅ ଧନୁର୍ଜୟ, ଟଙ୍କଧର ଓ ଝିଅ ସୁଭଦ୍ରାଙ୍କୁ ନେଇ ତାଙ୍କ ସଂସାର। ୧୯୯୮ରେ କୋରାପୁଟ ଅଞ୍ଚଳରେ ପାରମ୍ପରିକ ବିହନ ସଂରକ୍ଷଣ ଏବଂ ଜୈବ ବିବିଧତାର ସୁରକ୍ଷା ଦିଗରେ ଏମ୍ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟ ଆରମ୍ଭ କରିଥିଲାବେଳେ ଏହାସହ ଯୋଡ଼ି ହୋଇଥିଲେ କମଳା। ସେହି ସମୟରେ କୋରାପୁଟର ବହୁ ଆଦିବାସୀ ପରିବାର ୧୪୧ କିସମର ଦେଶୀ ଧାନ ବିହନ ସଂରକ୍ଷଣ କରିଥିଲେ। ୨୦୦୨ ଅଗଷ୍ଟ ୩୦ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆୟୋଜିତ ବିଶ୍ୱ ସମ୍ମିଳନୀରେ ଯୋଗ ଦେଇଥିଲେ କମଳା। ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ସେ ପ୍ରତିନିଧିତ୍ୱ କରି ଇକ୍ୱେଟର ଇନିସିଏଟିଭ ଆୱାର୍ଡ଼ ଗ୍ରହଣ କରିଥିଲେ। ୨୦୦୩ରେ ନୂଆ ଦିଲ୍ଲୀଠାରେ ଭାରତୀୟ କୃଷି ଗବେଷଣା ପରିଷଦ ପକ୍ଷରୁ ତାଙ୍କୁ ଦିଆଯାଇଥିଲା କୃଷି ବିଶାରଦ ସମ୍ମାନ। ପାରମ୍ପରିକ ବିହନ ସଂରକ୍ଷଣ ଏବଂ ଏହାର ବିକାଶ ଦିଗରେ ଅହରହ ଉଦ୍ୟମ କରି ଦକ୍ଷିଣ ଆଫ୍ରିକାରେ ସମ୍ମାନିତ ହେବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୪ ନଭେମ୍ବର ମାସରେ କମଳାଙ୍କୁ ସମ୍ମାନିତ କରିଥିଲେ। ଇକ୍ୱେଟର ଇନିସିଏଟିଭ ଆୱାର୍ଡ଼ ପାଇବା ପରେ ଅଧିକ ଉତ୍ସାହିତ ହୋଇପଡ଼ିଥିଲେ କମଳା। ସ୍ୱାମୀନାଥନ ଫାଉଣ୍ଡେସନର ସମର୍ଥନରେ କେତେକ ଆଦିବାସୀ ସମ୍ପ୍ରଦାୟକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଢ଼ିଥିଲେ। ଏହାର ନାଁ ରଖିଥିଲେ ପଞ୍ଚବଟୀ ଗ୍ରାମ୍ୟ ଉନ୍ନୟନ ସମିତି। ସ୍ଥାନୀୟ ଅଞ୍ଚଳରେ ଜୈବ ବିବିଧତାର ସଂରକ୍ଷଣ କ୍ଷେତ୍ରରେ କାମ ଆରମ୍ଭ କରିଥିଲା ଏହି ସମିତି। ଏଥିରେ ଆଖପାଖ ୧୬ଟି ଗାଁର ବହୁ ସଦସ୍ୟ ଥିଲେ। ଆଖି ଦୃଶିଆ କାର୍ଯ୍ୟ ପାଇଁ ଏହି ସମିତି ୨୦୦୭ ଏବଂ ୨୦୧୦ ମସିହାରେ ନୂଆଦିଲ୍ଲୀର ପ୍ଲାଣ୍ଟ ଭେରାଇଟିସ ଆଣ୍ଡ ଫାର୍ମର୍ସ ରାଇଟ୍ ଅଥରିଟି ତରଫରୁ ପାଇଥିଲା ପ୍ଲାଣ୍ଟ ଜିନୋମ ସେଭିୟର କମ୍ୟୁନିଟି ଆୱାର୍ଡ଼। କମଳା ଥିଲେ ପ୍ରଥମ ଆଦିବାସୀ ମହିଳା ଯିଏ ରାଜ୍ୟ ଯୋଜନା ବୋର୍ଡ଼ର ସଦସ୍ୟା ଭାବେ ନିଯୁକ୍ତି ପାଇଥିଲେ। ୨୦୧୯ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ କରିଥିଲେ। ମୋଟାମୋଟି କହିବାକୁ ଗଲେ କୋରାପୁଟ ସମେତ ପୂରା ଦେଶର କୃଷକ ମାନଙ୍କ ପାଇଁ ସେ ଥିଲେ ଆଦର୍ଶ ଓ ପଥପ୍ରଦର୍ଶକ। ଜୈବ ବିବିଧତା, ପରିବେଶ ସୁରକ୍ଷା ଏବଂ ଜୈବିକ ଚାଷ ପଦ୍ଧତି କ୍ଷେତ୍ରରେ ତାଙ୍କ ଅବଦାନ ଚିରଦିନ ପାଇଁ ବୈଜ୍ଞାନିକ ମାନଙ୍କୁ ଗବେଷଣା କ୍ଷେତ୍ରରେ ଦିଗଦର୍ଶନ ଦେଉଥିବ ଏଥିରେ ସନ୍ଦେହ ନାହିଁ। ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଥିଲେ ଜଣେ ଅନ୍ୟତମ ବିମୁଗ୍ଧ ପ୍ରଶଂସିକା ଓ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମ ସହ ସେ ମଧ୍ୟ ସାମିଲ ହୋଇଛନ୍ତି। ଏହି ଲେଖିକା ତାଙ୍କ ସହ ଅନେକ ମୂଲ୍ୟବାନ ସମୟ ବିତାଇ, ମୂଲ୍ୟବାନ ପରାମର୍ଶ ଓ ସହଯୋଗ ପାଇପାରିଥିଲେ। ଜୈବ ବିବିଧତାର ସୁରକ୍ଷା, ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହନ ଓ ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ତାଙ୍କର କ୍ରାନ୍ତିକାରୀ ଭୂମିକା ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଅନୁସୂଚୀତ ଜନଜାତି ସମ୍ପ୍ରଦାୟର ସଶକ୍ତିକରଣ କ୍ଷେତ୍ରରେ ସେ ଥିଲେ ଆଲୋକବର୍ତ୍ତିକା। ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପୂଜ୍ୟଶ୍ରୀ କୁମାର ଭାଇଙ୍କ ପାଖରେ ପ୍ରାର୍ଥନା କରୁଛି।

**ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର




# ଶିଶୁଙ୍କୁ ଅପସ୍ମାର ରୋଗ: କାରଣ ଓ ନିରାକରଣ

ପ୍ରଫେସର ଡାକ୍ତର ସସ୍ମିତା ଦେବୀ ଅଗ୍ରୱାଲ



**ଏପିଲେପ୍ସି ବା ଅପସ୍ମାର ଏକ ସ୍ନାୟୁଜନିତ ପ୍ରମୁଖ ରୋଗ ଯାହାକି ଜନ୍ମ ହେବା ପରେ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଦେଖାଯାଇଥାଏ। ଏହି ରୋଗରେ ମସ୍ତିଷ୍କର କୋଷିକାଗୁଡ଼ିକ ଅତ୍ୟଧିକ ପରିମାଣରେ କାର୍ଯ୍ୟ କରିଥାଏ। ଯଦି ମସ୍ତିଷ୍କର କୋଷିକାଗୁଡ଼ିକ ଅତ୍ୟଧିକ ପରିମାଣରେ କାର୍ଯ୍ୟ କରେ କିମ୍ବା କିଛି ବିଭ୍ରାନ୍ତ ଦେଖାଯାଏ ତାହା ହେଲେ ରୋଗୀକୁ ଅପସ୍ମାର ରୋଗ ହୋଇଥାଏ। ଯଦି ଜଣେ ଶିଶୁକୁ ୨୪ ଘଣ୍ଟା ବ୍ୟବଧାନରେ ୨ କିମ୍ବା ୨ରୁ ଅଧିକ ଥର ବାତ ମାରେ ତାହା ହେଲେ ଆମେ ଅପସ୍ମାର ରୋଗ କହିପାରିବା।**






**ଅପସ୍ମାର ରୋଗର ଭିନ୍ନ ଭିନ୍ନ କାରଣ ମାନ ଥାଏ**

## କାରଣଗୁଡ଼ିକ ହେଲା:

*୧-ଜନ୍ମ ସମୟରେ ମସ୍ତିଷ୍କରେ କିଛି ତ୍ରୁଟି*
*୨- ବାପାମାଆଙ୍କ ଠାରେ କିମ୍ବା ପରିବାରରେ ବାତ ରୋଗର ସମସ୍ୟା ଥିଲେ (Genetic)*
*୩- (Neuro Metabolic)*
*୪- ଜନ୍ମ ସମୟରେ କିଛି ଅସୁବିଧା*
*A. Oxygen କମିଯିବା (HIE)*
*B. Glucose କମିବା (NHBI)*
*C. Preterm baby ତାରିଖର ବହୁତ ପୂର୍ବରୁ ଜନ୍ମ ହେବା।*
*D. Very low birth weight (less than 1.5 kg)- ଜନ୍ମ ସମୟରେ ଓଜନ ବହୁତ କମ୍ ହେବା।*
*E. Difficulty Delivery କାରଣରୁ ମସ୍ତିଷ୍କରେ ଆଘାତ।*
*F. Severe Infection ରକ୍ତରେ କିମ୍ବା ମସ୍ତିଷ୍କରେ ଅତ୍ୟଧିକ ସଂକ୍ରମଣ ହେବା।*

### ବାତର କାରଣ ମଧ୍ୟରେ ଅନ୍ୟ କାରଣ ହେଲା

A. ଜ୍ୱର ସହ ବାତ ମାରିବା- (Febrile Feizure) ଜ୍ୱରଜନିତ ବାତ
B. ମସ୍ତିଷ୍କରେ Infection (cns Infection), (Meningities), (Encephalitis)
ଉ. ହଠାତ୍‌ରେ ଗ୍ଲୁକୋଜ କିମ୍ବା କ୍ୟାଲସିୟମ କମିଯିବା
ଊ. ମସ୍ତିଷ୍କରେ ଆଘାତ (TBI)

ଏହିସବୁ କାରଣରୁ ମଧ୍ୟ ହଠାତ୍‌ରେ ବାତର ଲକ୍ଷଣ ଦେଖାଦିଏ। ଯାହାକୁ Acute symptomatic seizure କୁହାଯାଏ। ବାତ ରୋଗର ଲକ୍ଷଣ ଅନେକ ପ୍ରକାରର ଥାଏ। ମୁଖ୍ୟତଃ ବାତ ମାରିବା ସମୟରେ ରୋଗୀ ହଠାତ୍ ମୂର୍ଚ୍ଛା ହୋଇଯାଏ, ତାର ମୁହଁ ଗୋଟିଏ ପାର୍ଶ୍ୱକୁ ବଙ୍କା ହୋଇଯାଏ। ହାତ ଗୋଡ଼ ଜୋରରେ ଥରିବାକୁ ଲାଗେ ତଥା ହାତଗୋଡ଼ ଶକ୍ତ ହୋଇଯାଏ। ରୋଗୀ ତା'ର ଜିଭ ବେଳେବେଳେ କାମୁଡ଼ିଦିଏ ଏବଂ କିଛି କ୍ଷେତ୍ରରେ ଝାଡ଼ାପରିସ୍ରା ମଧ୍ୟ ହୋଇଯାଇଥାଏ। ଏହିଭଳି ଅସୁବିଧା ରୋଗୀକୁ ବାରମ୍ବାର ହୋଇଥାଏ। ଅନ୍ୟ କିଛି ବାତ ରୋଗରେ ରୋଗୀ ହଠାତ୍ କଥାବାର୍ତ୍ତା ବନ୍ଦ କରିଦିଏ, ହାତ ଗୋଡ଼ରେ ଝଟକା ଅନୁଭବ କରେ, Abnormal Behaviour କରେ କିମ୍ବା ଡୋଳା ଉପରକୁ କିମ୍ବା ସାଇଡ଼କୁ କରିକି ଚୁପ ରହିଯାଏ।



ବାତରୋଗକୁ ଚିହ୍ନଟ କରିବାକୁ ହେଲେ ତିନୋଟି ପ୍ରମୁଖ ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ। ପ୍ରଥମତଃ ପରିବାର ସଦସ୍ୟମାନଙ୍କଠାରୁ ବାତ ମାରିବା ସମୟରେ ରୋଗୀର ସମସ୍ତ ବିବରଣୀ Clinical history ପଚାରି ଜାଣିବା ପରେ ଏହାର ଚିହ୍ନଟ ଅନେକ ସମୟରେ ସଠିକ୍ ଭାବରେ କରାଯାଇପାରେ। ଅନ୍ୟ ଦୁଇଟି ଉପାୟ ମଧ୍ୟରେ ବହୁତ କ୍ଷେତ୍ରରେ ଇ.ଇ.ଜି ଏବଂ ମସ୍ତିଷ୍କର ଏମ୍‌ଆରଆଇ ସ୍କାନିଂ ଦ୍ୱାରା ଏହାର ଚିହ୍ନଟ କରାଯାଇଥାଏ।





ଯଦି କୌଣସି ରୋଗୀକୁ ହଠାତ୍ ବାତ ମାରେ ତେବେ ରୋଗୀଙ୍କୁ ଗୋଟିଏ ସୁରକ୍ଷିତ ସ୍ଥାନରେ କଡ଼ ଲେଉଟାଇ ଶୁଆଇ ଦିଅନ୍ତୁ ଯେପରିକି ତାର ଶରୀରରେ କିଛି ଆଘାତ ନଲାଗେ। ରୋଗୀର ବାତ ମାରିବା ସମୟରେ ତା'ର ନାକ ପାଟି ଆଦୌ ବନ୍ଦ କରନ୍ତୁ ନାହିଁ। ରୋଗୀର ପାଟିରେ ଚାମଚ, ଚାବି ଆଦି ଜିନିଷ କିଛି ପୂରାନ୍ତୁ ନାହିଁ। ବାତ ମାରିବା ସମୟରେ ରୋଗୀକୁ ଆଦୌ ପାଣି ପିଆନ୍ତୁ ନାହିଁ। ଯଦି ୩ ରୁ ୫ ମିନିଟ୍ ଭିତରେ ରୋଗୀ ଠିକ୍ ନ ହୁଏ ତାହାହେଲେ ତାକୁ ଅତି ଶୀଘ୍ର ହସ୍ପିଟାଲ ନେଇଯାଆନ୍ତୁ କିମ୍ବା ଯଦି କିଛି ନାଜାଲ୍ ସ୍ପ୍ରେ ପରାମର୍ଶ କରାଯାଇଛି ତାକୁ Upright positionରେ ଦେଲା ପରେ ତାକୁ ହସ୍ପିଟାଲ ନେଇଯାଆନ୍ତୁ। ରୋଗୀଙ୍କୁ ବାତ ମାରିବା ସମୟରେ ତାଙ୍କ ସମ୍ପର୍କୀୟ ମୋବାଇଲ ରେକର୍ଡିଂ କରିଥିଲେ ଏହି ରେକର୍ଡ଼ିଂ ରୋଗୀଙ୍କ ଚିକିତ୍ସା ବା ଡାଇଗ୍ନୋସିସ୍‌ରେ ଡାକ୍ତରଙ୍କୁ ଉପଯୁକ୍ତ ସାହଯ୍ୟ କରିବ।

ବାତରୋଗ ପାଇଁ ଚିକିତ୍ସା ପଦ୍ଧତି ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ। ଗୋଟିଏ ମେଡ଼ିସିନ ବା ଔଷଧୀୟ ଉପଚାର। ଅନ୍ୟଟ ଅପରେସନ ବା ସର୍ଜରୀ, ବେଳେବେଳେ ସ୍ପେଶାଲ ଡାଏଟ୍ କରସ୍ୱକ୍ଷଶରଭସମ ୟସରସ୍ୱ ଚିକିତ୍ସାରେ ସାହାଯ୍ୟ କରିଥାଏ। ଶତକଡ଼ା ୭୦ ଭାଗ କ୍ଷେତ୍ରରେ ଔଷଧ ଦ୍ୱାରା ବାତରୋଗ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣରେ ରହିଥାଏ ବା କମିଯାଏ କିନ୍ତୁ ଶତକଡ଼ା ୩୦ ଭାଗ କ୍ଷେତ୍ରରେ ଅନେକ ଔଷଧ ଦେଲା ପରେ ବି ବାତରୋଗ ନିୟନ୍ତ୍ରଣ ହୋଇ ନଥାଏ ଏବଂ ରୋଗୀକୁ ଅପରେସନ ବା ସର୍ଜରୀର ଆବଶ୍ୟକତା ପଡ଼ିଥାଏ। ବାତରୋଗରେ ରୋଗୀକୁ ବହୁତ ବର୍ଷ ଧରି ଔଷଧ ସେବନ କରିବାକୁ ପଡ଼ିଥାଏ। ତା' ସହିତ ବେଳେବେଳେ ଏହି ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥାଏ। ଏ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ଜରୁରୀ ଅଟେ। ତେଣୁ ଏ ସମସ୍ତ ଜିନିଷଗୁଡ଼ିକୁ ବୁଝି ଆପଣ ନିୟମିତ ଔଷଧ ସେବନ କରିବା ଆବଶ୍ୟକ ଅଟେ।

ଶିଶୁମାନଙ୍କୁ ଯଦି ବହୁତଥର ବାତ ମାରେ ତା'ହେଲେ ତାଙ୍କର ମସ୍ତିଷ୍କର ଅଭିବୃଦ୍ଧି ଏବଂ ବୁଦ୍ଧିର ବିକାଶରେ ବ୍ୟାଘାତ ଦେଖାଯାଇଥାଏ। ଏଣୁନିୟମିତ ଔଷଧ ସେବନ କରି ବାତରୋଗକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ ଅଟେ। ବିବାହିତା ମହିଳାମାନଙ୍କୁ ଯଦି ବାତରୋଗ ଥାଏ ତେବେ ମହିଳାମାନେ ଗର୍ଭଧାରଣରେ ଏବଂ ଗର୍ଭସ୍ଥ ଶିଶୁ ଉପରେ ବାତରୋଗ ଔଷଧର ବହୁ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେଣୁ ମହିଳାମାନେ ଗର୍ଭଧାରଣ ପୂର୍ବରୁ ସ୍ନାୟୁରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ନିହାତି ଜରୁରୀ ଅଟେ। ବାତ ରୋଗ ଥିଲେ ଝିଅ ଏବଂ ପୁଅମାନେ ସ୍କୁଲ ଯାଇପାରିବେ, ବିବାହ କରିବାରେ କିଛି ପ୍ରତିବନ୍ଧକ ନଥାଏ। ଯାହାର ପରିବାରରେ ଫିଟସ୍ ବା ଅପସ୍ମାର ରୋଗୀ ଅଛନ୍ତି ସେମାନଙ୍କ ପ୍ରତି ଆପଣ ଅଧିକ ଯତ୍ନବାନ ହୁଅନ୍ତୁ, ସେମାନଙ୍କୁ ଭଲ ପାଆନ୍ତୁ ଏବଂ ସେମାନେ ପ୍ରତ୍ୟେହ କିପରି ନିୟମିତ ଔଷଧ ସେବନ କରିପାରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। ଶିଶୁକୁ ଅନ୍ୟ କୌଣସି ରୋଗ ହୋଇଥିଲେ ତେବେ ଏହି ସମୟରେ ମଧ୍ୟ ବାତର ଔଷଧକୁ ବନ୍ଦ କରିବେ ନାହିଁ। ସ୍ନାୟୁରୋଗ ବିଶେଷଜ୍ଞମାନଙ୍କର ପରାମର୍ଶକ୍ରମେ ନିୟମିତ ଔଷଧ ସେବନ କରିବାଦ୍ୱାରା ରୋଗୀ ଯେପରି ବାତରୋଗ ମୁକ୍ତ ଜୀବନଯାବନ କରିପାରିବ ସେ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ।

**ଶିଶୁରୋଗ ବିଶେଷଜ୍ଞ , ଶିଶୁ ସ୍ନାୟୁ ରୋଗ ବିଶେଷଜ୍ଞ**
**ହାଇଟେକ୍ ମେଡିକାଲ କଲେଜ, ନିର୍ଦ୍ଦେଶକ ଚାଇଲ୍ଡ ନ୍ୟୁରୋ ସେଣ୍ଟର**
**କଲ୍ୟାଣୀ ନଗର, ଭୁବନେଶ୍ୱର**
**ମୋ- ୮୭୬୩୨୨୮୪୨୮**

ମହକ







## କଳା, ସାହିତ୍ୟ ଓ ସଂସ୍କୃତି ଶୋଭନୀୟ ସମ୍ଭାର :


### ବିଶିଷ୍ଟ ସାହିତ୍ୟିକା

# ଶ୍ରୀମତୀ କୁନ୍ତଳା ମହାପାତ୍ର



ସାହିତ୍ୟ ସମାଜର ଦର୍ପଣ। ରାଷ୍ଟ୍ର ନିର୍ମାଣ, ଭାଷା ଓ ଜାତିର ବିକାଶ ପାଇଁ ଆବଶ୍ୟକ ସ୍ୱଚ୍ଛ ମନ, ତ୍ୟାଗ, ପ୍ରେମ, ସଂଗ୍ରାମ। ପୃଥିବୀର ସମସ୍ତ ଜୀବଜଗତ ମଧ୍ୟରୁ ମାନବ ଜାତି ହିଁ ଏକ ସୁନ୍ଦର ସାହିତ୍ୟ ଓ ସୁସ୍ଥ ସମାଜ ଗଠନ କରିବାରେ ସହାୟ ହୋଇଥାଏ । ଆମ ସମୟର ଓଡ଼ିଆ ସାହିତ୍ୟର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ, ଆଦର୍ଶ ନାରୀ ପ୍ରତିଭା, ଧର୍ମପ୍ରାଣା, ମିଷ୍ଟଭାଷୀ ତଥା ମହିୟସୀ ମହିଳା ହେଉଛନ୍ତି ଶ୍ରୀମତୀ କୁନ୍ତଳା ମହାପାତ୍ର । କଟକ ସଦର ବ୍ଲକ ୪୨ ମୌଜା କଳପଡା ପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମରେ ପିତା ସାରସ୍ୱତ ସାଧକ ସ୍ୱର୍ଗତଃ କୈଳାସ ନାଥ ଦୀକ୍ଷିତ ଓ ମାତା ନର୍ମଦା ଦୀକ୍ଷିତଙ୍କ ସୁକନ୍ୟା ୧୯୬୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଦେଉଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବାଲ୍ୟଶିକ୍ଷା ଆରମ୍ଭ କରି ବାଲୁଙ୍କେଶ୍ୱର ବିଦ୍ୟାପୀଠ ଦେଉଳି ୪୨ ମୌଜାରୁ ମାଟ୍ରିକ, ରାଜଧାନୀ କଲେଜରୁ ଆଇଏ ପରେ ହିନ୍ଦୀ ବିଭାଗରେ କୋବିଦ ଭଳି ଉଚ୍ଚଶିକ୍ଷା ଲାଭ କରିଥିଲେ। ନାରୀ ମନସ୍ତତ୍ତ୍ୱ ଉପରେ ଗବେଷଣାତ୍ମକ ରଚନା ତଥା ସମାଜରେ ନାରୀର ଅଧିକାର ସ୍ୱତନ୍ତ୍ରତା ଉପରେ ଲେଖା ଲେଖି ବହୁ ପତ୍ରପତ୍ରିକାରେ ପ୍ରକାଶ ପାଇ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିବା ସହ ତାଙ୍କୁ ମିଳିଛି ସବୁଠି ଭୂୟସୀ ପ୍ରଶଂସା । ପରିବାର ଗଠନରେ ନାରୀର ଭୂମିକା ଏହି ଦିଗରେ ସ୍ୱାର୍ଥହୀନ ସେବା, ସର୍ତ୍ତହୀନ ମମତା, ସହାନୁଭୂତି ଆଦି ଅନେକ ଅତି ମାନବୀୟ ଗୁଣଗୁଡ଼ିକ ତାଙ୍କ ଠାରେ ଦେଖିବାକୁ ମିଳେ । ଗ୍ରାମାଞ୍ଚଳରୁ ନିରବିଚ୍ଛିନ୍ନ ଭାବେ ଦୀର୍ଘ ୩୨ ବର୍ଷ ଧରି (ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ଦଳେଇଘାଇରୁ) ପ୍ରକାଶିତ 'ଆଷାଢ଼' ସାହିତ୍ୟ ପତ୍ରିକାର ସେ ପ୍ରଚାର ପ୍ରସାର ତଥା ପାଠକ ସୃଷ୍ଟି ପୂର୍ବକ ସାହିତ୍ୟର ଉନ୍ନତି ସହ ପୂଜ୍ୟପୂଜା, ସାରସ୍ୱତ ପ୍ରତିଭା ସମ୍ମାନ ସମାରୋହ, ପର୍ବପର୍ବାଣୀ ପାଳନ ଆଦି ଅନନ୍ୟ ଓଡ଼ିଆ ସାହିତ୍ୟର ସେବା କରିବା ସହ ଏକ ବୈପ୍ଳବିକ ପରିବର୍ତ୍ତନରେ ସାଧନାରତ ଜଣେ ସଫଳ ସାଧିକା । ତାଙ୍କ ସ୍ୱାମୀ ବିଶିଷ୍ଟ ସାହିତ୍ୟିକ ପିତାମ୍ବର ମହାପାତ୍ର ଏବଂ ପୁତ୍ର ଯୁବ ସମାଜସେବୀ ତଥା କବି ସୌମେନ୍ଦ୍ର ମଧ ଶ୍ରୀମତୀ ମହାପାତ୍ରଙ୍କୁ ତାଙ୍କ ସାହିତ୍ୟ ସାଧନାର ଚଲାପଥରେ ସାଥୀ ହୋଇ ପ୍ରେରଣା ଯୋଗାଇ ଚାଲିଛନ୍ତି । ଏହି ଦୟାମୟୀ, ପ୍ରେରଣାଦାୟିନୀ, ତ୍ୟାଗମୟୀ ଆଦର୍ଶ ନାରୀ ପ୍ରତିଭାଙ୍କ ସାଧନା ସଫଳ ହେଉ ଏତିକି ପ୍ରାର୍ଥନା ।

# ମୁନ୍‌ସୀ ପ୍ରେମ୍‌ଚନ୍ଦ



ହିନ୍ଦୀ ସାହିତ୍ୟ ଜଗତର ସୁନାମଧନ୍ୟ ଲେଖକଙ୍କ ମଧ୍ୟରେ ମୁନ୍‌ସୀ ପ୍ରେମଚନ୍ଦ ଅନ୍ୟତମ । ତାଙ୍କୁ ଆଧୁନିକ ହିନ୍ଦୀ ସାହିତ୍ୟର ସ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବନାହିଁ। ବିଂଶଶତାବ୍ଦୀ ପ୍ରାରମ୍ଭରେ ଯେଉଁ କେତେଜଣ ଅଗ୍ରଗଣ୍ୟ ହିନ୍ଦୀ ସାହିତ୍ୟ ଲେଖକ ପରିଚିତ ପାଇଥିଲେ, ସେମାନଙ୍କ ମଧ୍ୟରେ ପ୍ରେମ୍‌ଚନ୍ଦ ଅନ୍ୟତମ। ଜେଣ ଔପନ୍ୟାସିକ, କାହାଣୀକାର, ନାଟ୍ୟକାର ଏବଂ ଗାଳ୍ପିକ ଭାବେ ତାଙ୍କର ଖ୍ୟାତି ରହିଛି । ବିଶେଷତଃ ଉଚ୍ଚକୋଟୀର ଉପନ୍ୟାସ ଲାଗି ସେ ଉପନ୍ୟାସ ସମ୍ରାଟ ଭାବେ ବିଦିତ ଥିଲେ। ୧୨ରୁ ଉର୍ଦ୍ଧ୍ୱ ଉପନ୍ୟାସ, ୨୫୦ କ୍ଷୁଦ୍ରଗଳ୍ପ, ଏକାଧିକ ପ୍ରବନ୍ଧ ଏବଂ ଅନୁବାଦର ସେ ଥିଲେ ସାରସ୍ୱତ ସ୍ରଷ୍ଟା। ୧୮୮୦ ମସିହା ଜୁଲାଇ ୩୧ ତାରିଖ ବାରାଣସୀ ନିକଟସ୍ଥ ଲାମ୍‌ହିଠାରେ ଜନ୍ମ ଗ୍ରହଣ କରିଥିଲେ ପ୍ରେମଚନ୍ଦ । ତାଙ୍କ ପିଲାଦିନର ନାମ ଥିଲା ଧନପତ ରାଏ । ଲାଲପୁର ସ୍ଥିତ ମଦ୍ରାସାରେ ଶିକ୍ଷାଗତ ଜୀବନ ଆରମ୍ଭ ହୋଇଥିଲା। ତାଙ୍କର ସେଠାରେ ଉର୍ଦ୍ଦୁ ପାର୍ସୀ ଆଦି ଭାଷା ସେ ଶିଖିଥିଲେ । ପିଲାଦିନୁ ବିଭିନ୍ନ ପ୍ରକାର ବହି ପଢ଼ିବାକୁ ସେ ଭଲ ପାଉଥିଲେ। ବହି ବିକ୍ରିରେ ନିଯୁକ୍ତ ହେବା ପରେ ପ୍ରେମଚନ୍ଦ ଏକାଧିକ ବହି ପଢ଼ିବାର ସୁଯୋଗ ପାଇଲେ । ମିସନାରୀ ସ୍କୁଲରେ ପ୍ରେମଚନ୍ଦ ଇଂରାଜୀ ପଢ଼ିଥିଲେ । ପିତାଙ୍କ ଦେହାନ୍ତ ଓ ବିଭିନ୍ନ ଘରୋଇ ସମସ୍ୟା ପାଇଁ ସେ ମାଟ୍ରିକରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ। ଏହାପରେ ତାଙ୍କୁ ପଢ଼ା ଛାଡ଼ିବାକୁ ପଡ଼ିଲା। ୧୫ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲେ ହେଁ ତାହା ସଫଳ ହୋଇନଥିଲା। ବାଲ୍ୟ ବିଧବା ଶିବରାଣୀ ଦେବୀଙ୍କୁ ସେ ପୁର୍ନବିବାହ କରିଥିଲେ। ଉର୍ଦ୍ଦୁରେ ପ୍ରକାଶିତ ଜମାନା ପତ୍ରିକାରେ ପ୍ରେମଚାନ୍ଦଙ୍କ ଲେଖନୀ ପ୍ରଥମେ ଚାଲିଥିଲା। ତାଙ୍କର ପ୍ରଥମ ହିନ୍ଦୀ କାହାଣୀ ସରସ୍ୱତୀ ପତ୍ରିକାରେ ପ୍ରକାଶ ପାଇଥିଲା। ତା'ପରେ ତାଙ୍କ ଲେଖାର ଅନେକ ରଙ୍ଗ ଦେଖିବାକୁ ମିଳିଲା। ଜୀବନର ଅନ୍ତିମ ଦିନରେ ସେ ରୋଗଶଯ୍ୟାରେ ପଡ଼ିଲେ। ତାଙ୍କ ଉପନ୍ୟାସ ମଙ୍ଗଳସୂତ୍ର ପୂରଣ ହୋଇପାରିଲା ନାହିଁ। ୧୯୩୬ ଅକ୍ଟୋବର ୮ ତାରିଖରେ ତାଙ୍କର ଦେହାନ୍ତ ହେଲା । ପ୍ରେମଚାନ୍ଦଙ୍କ ପ୍ରମୁଖ କୃତି ମଧ୍ୟରେ ଉପନ୍ୟାସ - 'ଦେବସ୍ଥାନ ରହସ୍ୟ', 'କିଶ୍‌ନା', 'ରୁଠି ରାନୀ', 'ବରଦାନ', 'ସେବା ସଦନ', 'ନିର୍ମଳା', କ୍ଷୁଦ୍ରଗଳ୍ପ 'ଦୁନିୟା କା ସବ୍‌ସେ ଅନମୋଲ ରତନ୍', 'ବଡ଼େ ଭାଇ ସାହାବ୍', 'ସୌତ', 'ସତରଞ୍ଜ କେ ଖିଲାଡ଼ି', 'ଅନୁବାଦ ଅହଙ୍କାର, ଆଜାଦ୍ କଥା, ପର୍ବତ ଯାତ୍ରା ଏବଂ ଆହୁରି ଅନେକ ପାଠକୀୟ ଆଦୃତି ଲାଭ କରିଛି ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
**କଟିକଟା, ମଙ୍ଗଳପୁର, ଯାଜପୁର, ଦୂରଭାଷ : ୯୪୩୮୨୭୬୭୬୦**


## ଏହି ସପ୍ତାହ, ସେହି ବର୍ଷ (ଜୁଲାଇ ୨୮-ଅଗଷ୍ଟ ୩)

### ଏଇ ସପ୍ତାହ

**ଜୁଲାଇ ୨୮, ୧୯୧୪-** ଏହି ଦିନ ପ୍ରଥମ ବିଶ୍ୱ ଯୁଦ୍ଧ ଆରମ୍ଭ ହୋଇଥିଲା ।




**ଜୁଲାଇ ୨୯, ୧୯୮୦-** ମସ୍କୋ ଅଲିମ୍ପିକରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ।




**ଜୁଲାଇ ୩୦, ୧୯୦୯-** ରାଇଟ୍ ଭାତୃଦ୍ୱୟ ସେନାର ପ୍ରଥମ ବିମାନ ତିଆରି କରିଥିଲେ ।



**ଜୁଲାଇ ୩୧, ୧୯୯୩-** ଦେଶର ପ୍ରଥମ ଭାସମାନ ସମୁଦ୍ରୀ ସଂଗ୍ରହାଳୟକୁ କୋଲକାତା ଠାରେ ଉଦ୍‌ଘାଟନ କରାଯାଇଥିଲା ।



**ଅଗଷ୍ଟ ୧, ୨୦୦୬-** ଜାପାନରେ ଦୁନିଆର ପ୍ରଥମ ଭୂମିକମ୍ପ ପୂର୍ବ ଚେତାବନୀ ସେବା ଆରମ୍ଭ କରାଯାଇଥିଲା ।



**ଅଗଷ୍ଟ ୨, ୧୮୫୮-** ବ୍ରିଟିଶ ସରକାର ଗଭର୍ଣ୍ଣମେଣ୍ଟ୍ ଅଫ୍ ଇଣ୍ଡିଆ ଆକ୍ଟ୍ ପାରିତ କରିଥିଲେ ।



**ଅଗଷ୍ଟ ୩, ୨୦୦୧-** ଆତଙ୍କବାଦୀ ଆକ୍ରମଣ ପରେ ଜନତାଙ୍କ ପାଇଁ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଖୋଲାଯାଇଥିଲା ।





# ଶରଣ ପଶିଥିଲେ, ଆଜି ସାଜୁଛନ୍ତି ଶତ୍ରୁ

ଓମ୍ ପ୍ରକାଶ ନାଥ

ବିଭିନ୍ନ ସମସ୍ୟା ମଧ୍ୟରେ ଶରଣାର୍ଥୀ ସମସ୍ୟା ଏକ ବଡ଼ ସମସ୍ୟା ଭାବରେ ଆମର ମୁଣ୍ଡବ୍ୟାଥାର କାରଣ ହୋଇଯାଇଛି। ଦିନ ଥିଲା ଆମେ ମାନବିକତା ଦେଖାଇ ଯେଉଁମାନଙ୍କୁ ପ୍ରଶୟ ଦେଇଥିଲେ, ସେମାନେ ଆଜି ଆମ ପ୍ରତିପକ୍ଷ ହୋଇ ନାନାଦି ଅଶାନ୍ତି, ଅରାଜକତା ଓ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଉଦ୍ଦେଶ୍ୟମୂଳକ ଭାବରେ ଶହ ଶହ ବାଲାଂଦେଶୀ ଦେଶ ଭିତରକୁ ବିନା ଅନୁମତିରେ ପଶି ଆସିବା ସହ ସ୍ଥାୟୀ ଭାବରେ ବସବାସ କରିବା ଓ ସେମାନଙ୍କର ସଂଖ୍ୟା ବୃଦ୍ଧି କରି ଏକ ଗୋଷ୍ଠୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନାନାଦି ଗର୍ହିତ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି।

ଧାର୍ମିକ ଆଧାରରେ ୧୯୪୭ ମସିହାରେ ଭାରତଠୁ ପାକିସ୍ତାନ ବିଭାଜିତ ହେବା ସମୟରେ ଭାରତର ବଙ୍ଗପ୍ରଦେଶକୁ ମଧ୍ୟ ଦୁଇ ଭାଗରେ ବିଭାଜିତ କରାଯାଇ ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗ ନାମରେ ନାମିତ କରାଯାଇଥିଲା। ପଶ୍ଚିମବଙ୍ଗ ଭାରତର ଅଂଶ ଏବଂ ପୂର୍ବବଙ୍ଗ ଭାରତଠୁ ଅଲଗା ହୋଇ ପାକିସ୍ତାନରେ ମିଶିବା ପରେ ପୂର୍ବବଙ୍ଗକୁ ପୂର୍ବ ପାକିସ୍ତାନ ନାମରେ ନାମିତ କରାଗଲା।

୪ର୍ଥ ସାଧାରଣ ନିର୍ବାଚନରେ ଜାତୀୟ କଂଗ୍ରେସ ଦଳ ୨୮୩ଟି ଲୋକସଭା ଆସନ ଜିତି ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବେ ଇନ୍ଦିରାଗାନ୍ଧୀଙ୍କୁ ନେତା ନିର୍ବାଚିତ କଲା ଓ ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ। ତାଙ୍କର





କାର୍ଯ୍ୟକାଳ ମଧ୍ୟରେ ବାଲାଂଦେଶ ମୁକ୍ତି ସଂଗ୍ରାମ ଏକ ବିଶେଷ ଘଟଣା ଥିଲା। ଏହି ସଂଗ୍ରାମ ମୁଖ୍ୟତଃ ପାକିସ୍ତାନର ପୂର୍ବପାକିସ୍ତାନ ଓ ପଶ୍ଚିମ ପାକିସ୍ତାନ ମଧ୍ୟରେ ୬ମାସ ଧରି ଚାଲିଥିଲା। ୧୯୭୧ ମସିହା ମାର୍ଚ୍ଚ ୨୬ରୁ ଆରମ୍ଭ ହୋଇ ଏହି ଯୁଦ୍ଧ ୧୬ ଡିସେମ୍ବର ଯାଏଁ ଚାଲିଥିଲା। ତିନିଲକ୍ଷ ବାଂଲାଦେଶୀଙ୍କୁ ମାରିଦିଆଯାଇଥିଲା। ବହୁ ମହିଳା ସେନାବାହିନୀ ଦ୍ୱାରା ଅତ୍ୟାଚାରିତା ହୋଇ ଭାରତକୁ ପଳାୟନ କରିଥିଲେ। ଏହି ଯୁଦ୍ଧ ମଧ୍ୟରେ ତିନୋଟି ବଡ଼ ବାତ୍ୟାରେ ପୂର୍ବପାକିସ୍ତାନର ଜନସାଧାରଣ ଅର୍ଦ୍ଧାହାର, ଅନାହାରର ଶିକାର ହୋଇ ଭାରତର ଶରଣାର୍ଥୀ ହୋଇଥିଲେ। ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ମୁକ୍ତିବାହିନୀକୁ ସହଯୋଗ ପ୍ରଦାନ କରିବା ସହିତ ଶରଣାର୍ଥୀମାନଙ୍କୁ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଥଇଥାନ କରାଇଥିଲେ। ପାକିସ୍ତାନ ଆକ୍ରୋଶମୂଳକ ଭାବେ ଭାରତ ସହ ଯୁଦ୍ଧ ଘୋଷଣା କରି ଟ୍ୟାଙ୍କ୍ ଓ ଆକାଶବାହିନୀ ଦ୍ୱାରା ଆକ୍ରମଣ ଆରମ୍ଭ କରିଦେଲା। ୧୯୭୧ ମସିହା ଡିସେମ୍ବର ୩ ତାରିଖରୁ ଏହି ଯୁଦ୍ଧ ଆରମ୍ଭ ହୋଇ ୧୪ ଦିନ ପର୍ଯ୍ୟନ୍ତ ଚାଲିଲା ଓ ପରିଶେଷରେ ଶୋଚନୀୟ ପରାଜୟ ବରଣ କଲା। ପାକିସ୍ତାନର ସୈନ୍ୟବାହିନୀ ଆତ୍ମସମର୍ପଣ କରିବା ବେଳକୁ ୬୦ ହଜାର ପାକିସ୍ତାନୀ ସେନାଙ୍କୁ ଭାରତୀୟ ସୈନ୍ୟବାହିନୀ ପଣବନ୍ଦୀ କରିସାରିଥିଲେ। ପାକିସ୍ତାନର ରାଷ୍ଟ୍ରମୁଖ୍ୟ ୟାହିୟା ଖାଁ ବାଧ୍ୟହୋଇ ଇନ୍ଦିରାଙ୍କ ସହ ଶାନ୍ତି ଓ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷର କରିଥିଲେ। ପାକିସ୍ତାନର ୬୦ ହଜାର ପଣବନ୍ଦୀ-ସୈନିକ ପ୍ରତ୍ୟର୍ପିତ ହେଲେ। ବଦଳରେ ଭାରତ ପାକ୍ ଅଧିକୃତ କାଶ୍ମୀର ଫେରି ପାଇବା କଥା, ମାତ୍ର ସେପରି ହେଲାନାହିଁ। କାଶ୍ମୀର ମଝିରେ ନିୟନ୍ତ୍ରଣ ରେଖା ତଥାପି ବଳବତ୍ତର ରହିଲା !

ଜାତୀୟ ରାଜନୀତିର ଇନ୍ଦିରାଙ୍କ ଲୋକପ୍ରିୟତା ଶୀର୍ଷରେ ଥିବାବେଳେ ବାଂଲାଦେଶୀ ଶରଣାର୍ଥୀଙ୍କ ସମସ୍ୟା ଦେଶର ଆର୍ଥିକ ଅବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଇଲା। ଇନ୍ଦିରାଜୀ ଶରଣାର୍ଥୀଙ୍କୁ ବାଂଲାଦେଶ ଫେରାଇବା ବଦଳରେ (ଅନ୍ୟୁନ ଦେଢ଼ ନିୟୁତ) ବେଙ୍ଗଲ, ଓଡ଼ିଶା ଓ ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ଥଇଥାନ କରିବାରୁ ଦେଶର ବାର୍ଷିକ ବଜେଟ ୬୯୭ କୋଟି ଟଙ୍କା ବଢ଼ିଯାଇଥିଲା। ଏହି ଅର୍ଥ ଭରଣା କରିବାକୁ ଯାଇ ଭାରତୀୟମାନଙ୍କ ଉପରେ 'ରିଫ୍ୟୁଜି ରିଲିଫ୍ ଟ୍ୟାକ୍ସ' (ଜଜଞ୍ଜ) ଲଦି ଦିଆଗଲା। ସେତେବେଳେ ଡାକଘର ମାନଙ୍କରେ ୧୦-ପଇସିଆ ଓ ୫-ପଇସିଆ ଶରଣାର୍ଥୀ ଡାକ ଟିକଟ ବିକ୍ରି ହେଉଥିଲା। ମାନବିକତା ଦୃଷ୍ଟିରୁ ଶରଣାର୍ଥୀମାନଙ୍କ ଥଇଥାନ କରାଯିବାରୁ ପରବର୍ତ୍ତୀ ସମୟରେ ବାଂଲାଦେଶରୁ ଅନୁପ୍ରବେଶ ବଢ଼ିବାକୁ ଲାଗିଲା। ଏହା ଅଦ୍ୟାବଧି ଏକ ବିରାଟ ସମସ୍ୟା ଭାବେ ଦୃଶ୍ୟମାନ ହୁଏ। ଇନ୍ଦିରାଜୀଙ୍କ 'ଶରଣାର୍ଥି ଥଇଥାନ ଅଭିଯାନ' ପଣ୍ଡିତ ନେହେରୁଙ୍କ 'ତୁଷ୍ଟିକରଣ ରାଜନୀତି'ର ଅଂଶବିଶେଷ ବୋଲି କରିଛି ରାଜନୈତିକ ସମାଲୋଚକ ମତବ୍ୟକ୍ତ କରନ୍ତି।

ଯେଉଁ ବାଙ୍ଗଲାଦେଶକୁ ଦିନେ ଭାରତ ଜନନୀ ସାଜି ଜନ୍ମ ଦେଇଥିଲା ଆଜି ସେଇ ଦେଶ ଭାରତକୁ ଚୋଟ ମାରୁଛି। ପାକିସ୍ତାନଠୁ ଅଧିକ ଅସହିଷ୍ଣୁ ଓ କ୍ରିୟାଶୀଳ ହୋଇପଡିଛି ବାଲାଂଦେଶ। ସେଠାରେ ରହୁଥିବା ହିନ୍ଦୁମାନଙ୍କୁ ଧର୍ମ ପରିବର୍ତ୍ତନ କରିବା ପାଇଁ ଅକଥନୀୟ ଅତ୍ୟାଚାର କରାଯାଉଛି, ଧାର୍ମିକ ଅନୁଷ୍ଠାନ ଓ ହିନ୍ଦୁ ଦେବାଦେବୀ ଙ୍କ ମନ୍ଦିର ଭଙ୍ଗା ଯାଉଛି ,ଝିଅ ବୋହୁଙ୍କୁ ଦୁର୍ଷ୍କମ କରାଯାଉଛି। ଏତିକିରେ ମନ ଶାନ୍ତି ନହେବା କାରଣରୁ ଭାରତର ପଶ୍ଚିମବଙ୍ଗ ରାଜ୍ୟକୁ ନିଜ ରାଜ୍ୟ ଭାବେ ପୋଷଣ କରିବାକୁ ଲାଗିଲେ, ବେପାର ବଣିଜ କରିବା ବାହାନାରେ ଆସି ପଶ୍ଚିମବଙ୍ଗରେ ନିଜ ଆଧିପତ୍ୟ ଜାହିର କରିବାକୁ ଲାଗିଲେ। ପଶ୍ଚିମବଙ୍ଗରେ ଥିବା ସରକାର ନିଜ ଭୋଟବ୍ୟାଙ୍କ କୁ ମଜଭୁତ କରିବା ପାଇଁ ଅନୁପ୍ରବେଶକାରୀ ଙ୍କୁ ସ୍ଥାନ ଦେଇ ସେମାନଙ୍କ ସ୍ଥିତିକୁ ସ୍ଥାୟୀ କରିଛନ୍ତି । ଯାହାଫଳରେ ପଶ୍ଚିମବଙ୍ଗ ରେ ବାଙ୍ଗଲାଦେଶ ଭଳି ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ପଶ୍ଚିମବଙ୍ଗ ପରେ ଏବେ ଓଡ଼ିଶା ଉପରେ ଏହି ବାଙ୍ଗଲା ଅନୁପ୍ରବେଶକାରୀ ଙ୍କ ନଜର ପଡ଼ିଛି ।

ବାଲେଶ୍ୱରରୁ ଖୋର୍ଦ୍ଧା ଯାଏଁ ସବୁଠି ଏହି ବାଂଲାଦେଶୀ ଘେରି ଗଲେଣି , ଓଡ଼ିଶାରେ ରହି ଅନେକ ଅପରାଧିକ ଘଟଣା ଘଟାଉଛନ୍ତି। ପ୍ରଥମେ ଫେରିବାଲା ହୋଇ ଗାଁ ଗଣ୍ଡାରେ ଶସ୍ତାରେ ବ୍ୟାପାର କରି ଧୀରେ ଧୀରେ ତାଙ୍କ ସମ୍ପର୍କୀୟ ମାନଙ୍କୁ ଆଣି ରାସ୍ତା କଡରେ କୁଡିଆ କରି ରହୁଛନ୍ତି । ଧୀରେ ଧୀରେ ସେମାନଙ୍କ ସଂଖ୍ୟା ବଢ଼ିବା ପରେ ସରକାରୀ ଜାଗାକୁ ଜବରଦଖଲ କରି ବଡ଼ ବଡ଼ ବସ୍ତି ତିଆରି କରି ନିଜ ସ୍ଥିତି ଜାହିର କରୁଛନ୍ତି ଏବଂ ସ୍ଥାନୀୟନେତା ଭୋଟବ୍ୟାଙ୍କ୍ ପାଇଁ ଏସବୁକୁ ପ୍ରଶ୍ରୟ ଦେଉଛନ୍ତି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡା, ଜଗତସିଂହପୁର ପରେ ଏବେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏମାନେ ବଡ ବଡ଼ ବସ୍ତି କରି ଆଧିପତ୍ୟ ଜାହିର କରିବା ଆରମ୍ଭ କରିସାରିଲେଣି । ଚୋରି ଛିନତାଇ କରିବା ସହ ବ୍ରାଉନସୁଗାର, ନକଲି ସାମଗ୍ରୀ, ଗୋରୁ ଚାଲାଣ ଭଳି କଳାବଜାରୀ କାର୍ଯ୍ୟରେ ଲିପ୍ତ ରହି ପୁଳା ପୁଳା ଅର୍ଥ ଅର୍ଜନ କରିବା ସହ ଅଶାନ୍ତ ଖେଳାଉଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ ଘଟଣା ଏ





ଘଟଣାକୁ ନେଇ ରାଜନୈତିକ ସ୍ତରରେ କୌଣସି ନେତାମନ୍ତ୍ରୀ ମାନେ ଚିନ୍ତିତ ନୁହଁ ବରଂ ସରକାରୀ ସ୍ତରର ସବୁ ସୁବିଧା ସେମାନଙ୍କୁ ଦିଆଯାଉଛି ଯେମିତିକି ଘର, ରାସନ,ଭୋଟର ପରିଚୟପତ୍ର। ପେଟ ପାଟଣା ପାଇଁ ଓଡ଼ିଆ ଅନ୍ୟ ରାଜ୍ୟରେ ଦାଦନ ଖଟୁଛି କିନ୍ତୁ ବଂଲାଦେଶୀ ଅନୁପ୍ରବେଶକାରୀ ଓଡିଶାରେ କାୟାବିସ୍ତାର କରି ସ୍ଥାୟୀବାସିନ୍ଦା ହେଉଛନ୍ତି। ଯେଉଁ ଘଟଣା ପାଇଁ ଆଜି ମଣିପୁର ଜଳୁଛି, ଠିକ ସମାନ ଘଟଣା ଆଜି ପଶ୍ଚିମବଙ୍ଗରେ ଦାନା ବାନ୍ଧିସାରିଛି ଏବଂ ଓଡ଼ିଶାରେ ଧୀରେ ଧୀରେ ମୁଣ୍ଡ ଟେକୁଛି । କେବଳ ବାଙ୍ଗଲାଦେଶୀ ନୁହଁ ମିୟାଁମାର ରୁ ତଡାଖଇ ଆସିଥିବା ରୋହିଙ୍ଗ୍ୟାମାନେ ବି ରାଜଧାନୀ କୁ କବଜା କଲେଣି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରୋହିଙ୍ଗ୍ୟା ଓ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କୁ ଖୁଲମଖୁଲା ଶରଣ ଦେବାପରେ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି ଏବଂ ଏହାର ପାର୍ଶ୍ୱପ୍ରତିକ୍ରିୟା ଓଡ଼ିଶାରେ ଦେଖାଦେଇଛି । ପରିବର୍ତ୍ତନ ଏବଂ ଓଡ଼ିଆ ଅସ୍ମିତାର ଦ୍ୱାହିଦେଇ ଆସିଥିବା ନୂତନ ସରକାର ଏଥିପ୍ରତି ଯଦି ଯତ୍ନବାନ୍ ନୁହଁନ୍ତି ଆଗାମୀ ଦଶବର୍ଷ ପରେ ଓଡିଶାରେ ମଣିପୁର ଭଳି ଅବସ୍ଥା ସୃଷ୍ଟି ନହେବ, କିଏ କହିବ ?

ଭଦ୍ରକ, ମୋ - ୯୬୫୮୪୧୮୯୪୧



ପ୍ରତିଭା

# ବିବିଧତାର ଶିଳ୍ପୀ ସମରେନ୍ଦ୍ର

ପ୍ରସ୍ତୁତି : ମାନମୟୀ ରଥ

ମୁହୂର୍ତ୍ତ ସେ ଦୁଃଖଦ ହେଉ କି ସୁଖଦ ନିଖୁଣ ଭାବରେ ବାନ୍ଧିପାରନ୍ତି ଆମର ଏହି ଅନନ୍ୟ ଚିତ୍ରକର ତାଙ୍କ ଚିତ୍ରକଳାରେ । ଖୋଦେଇ କାମ ହେଉ କି ସ୍ମୋକ୍ ଆର୍ଟ, ପତ୍ରରେ ସୂକ୍ଷ୍ମ କାମ ହେଉ କି ତୁଳସୀ କାଠ କି ଆଇସ୍‌କ୍ରିମ୍ କାଠିରେ କଳାକୃତି ନିର୍ମାଣ ଭଳି ସବୁ କାମରେ ନିଜର ଅଭିନବତ୍ୱ ପ୍ରଦର୍ଶନ କରି ନିଜ ଅଞ୍ଚଳ, ରାଜ୍ୟ ତଥା ଦେଶ ସ୍ତରରେ ଖୁବ୍ ପ୍ରଶଂସା ସାଉଁଟି ଚାଲିଛନ୍ତି ମୟୁରଭଞ୍ଜ ଜିଲ୍ଲାର ବେତନଟି ବ୍ଲକ ଅନ୍ତର୍ଗତ ଆଗଡ଼ା ଗ୍ରାମର ସମରେନ୍ଦ୍ର ବେହେରା । ସମ୍ପ୍ରତି ଫୁଲବାଣୀସ୍ଥିତ ସରକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକ ରୂପେ କାର୍ଯ୍ୟରତ ସମରେନ୍ଦ୍ର ବେହେରାଙ୍କ ଜନ୍ମ ୧୧ ଫେବୃଆରୀ ୧୯୯୫ରେ । ବାପା ମହେଶ୍ୱର ବେହେରା, ମାଆ କନକଲତା ବେହେରାଙ୍କ ସୁପୁତ୍ର ସମରେନ୍ଦ୍ର ଭିଜୁଆଲ ଆର୍ଟ ପ୍ରିଣ୍ଟ ମେକିଂରେ ଉତ୍କଳ ୟୁନିଭରସିଟିରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲାପରେ ଅନ୍ୟାନ୍ୟ ଚିତ୍ରକଳା କରିବା ସହ ପ୍ରଚ୍ଛଦ ଅଙ୍କନ, ସୁଲେଖ ( calliagraphy)ରେ ମଧ୍ୟ ନିଜର କଳାକୌଶଳ ପ୍ରଦର୍ଶନ କରିଛନ୍ତି । ଡିବିରି ଆଲୁଅର କଳା (smoke art )ରେ ବିଭିନ୍ନ ଘଟଣା, ଦୁର୍ଘଟଣା ଯେମିତିକି ରଥଯାତ୍ରା, ରାମ ମନ୍ଦିର ନିର୍ମାଣ, ବାହାନଗା ଟ୍ରେନ ଦୁର୍ଘଟଣା, ଚନ୍ଦ୍ରଯାନ-୩ ଅଭିଯାନ ଇତ୍ୟାଦି କରି ବିଭିନ୍ନ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିବା ସମରେନ୍ଦ୍ର ପତ୍ରରେ ମହାପୁରୁଷଙ୍କ ପ୍ରତିକୃତି, ସ୍ୱତନ୍ତ୍ର ଶୁଭେଚ୍ଛା ବାର୍ତ୍ତା ତିଆରି କରି ଖୁବ୍ ଚର୍ଚ୍ଚିତ ହୋଇଛନ୍ତି । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଆୟୋଜିତ ବିଭିନ୍ନ ଚିତ୍ର ଶିବିରରେ ସମରେନ୍ଦ୍ର ଭାଗ ନେଇ ପୁରସ୍କୃତ, ସମ୍ମାନିତ ହେବା ସହ ବ୍ୟକ୍ତିଗତ ପ୍ରଚେଷ୍ଟାରେ ବିଭିନ୍ନ ଚିତ୍ର ପ୍ରଦର୍ଶନୀରେ ଭାଗ ନେଇ ପ୍ରଶଂସିତ ହୋଇଛନ୍ତି । ନିକଟ ଅତୀତରେ ତୁଳସୀ କାଠରେ ଏକ ଇଞ୍ଚ ଦୈର୍ଘ୍ୟ, ଦୁଇ ଇଞ୍ଚ ପ୍ରସ୍ଥ, ତିନି ଇଞ୍ଚ ପାଖାପାଖି ଉଚ୍ଚତାର ମନ୍ଦିର ନିର୍ମାଣ କରି ସମରେନ୍ଦ୍ର ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି । ସମରେନ୍ଦ୍ରଙ୍କ କଳାକୃତି ସ୍ୱତନ୍ତ୍ର । ଦେଖୁ ଦେଖୁ ଜାଣି ହୋଇଯାଏ । ଆଖି ଟାଣି ହୋଇଯାଏ । ଯେତିକି ସୂକ୍ଷ୍ମ ସେତିକି ମୌଳିକ ଓ ଅର୍ଥଦ୍ୟୋତକ ତାଙ୍କ ଚିତ୍ର । ସବୁ ଚିତ୍ରରେ ନିହିତ ଥିବା ବାର୍ତ୍ତାଟି ନିଜ ବାଟରେ କାହାଣୀ ସବୁ ବଖାଣୁଥାଏ । ତାଙ୍କ ଅଙ୍କିତ ଚିତ୍ର ଯାହା ତାଙ୍କର ପ୍ରିୟ ସେହି ସମ୍ପର୍କରେ ସେ ନିଜେ ଯାହା କୁହନ୍ତି ତାହା ଏମିତି ।

ମୋ-୭୯୭୮୫୭୯୩୯୯










ଓଡ଼ିଶାର ପ୍ରାକୃତିକ ଦୁର୍ବିପାକ, ବନ୍ୟା ବାତ୍ୟା ଓ ଦୁର୍ଭିକ୍ଷ । ୧୯୯୯ର ମହାବାତ୍ୟାଠାରୁ ଫଣି ବାତ୍ୟାର ଭୟଙ୍କର ଫୁତ୍କାରରୁ ଅନୁଭବ କରାଯାଇପାରେ ଅଗଣିତ ଭଙ୍ଗାରୁଜା ଘର, ଉଜୁଡ଼ା ସଂସାର ତା' ସହିତ ଅସଂଖ୍ୟ ଜୀବଜନ୍ତୁ । ଉପୁଡି ପଡିଥିଲା ସଗର୍ବେ ବିଶାଳ ଆକୃତି ନେଇ ଠିଆ ହୋଇଥିବା ଠିଆ ଅଜସ୍ର ମହାଦ୍ରୁମ । ଅକଳନୀୟ ସଂହାର ପରେ ଥମି ଯାଇଥିବା କାଳରାତିରେ ଖୋଜା ପଡେ ଅଲୋଡ଼ା ଲଣ୍ଠନ । ତାହା ପୁଣି ଅନ୍ଧାରକୁ ଦୂରୀଭୂତ କରିବା ସକାଶେ । ସହରର ମୋହରେ ଥିବା ମଣିଷ ଗୁଡାକ ଗାଁ ମୁହାଁ ହେଲେ ଜୀବନ ଧାରଣ କରିବା ପାଇଁ । ଜଳ ଥାଇ ବି ପାନୀୟ ଜଳ ସଙ୍କଟ, ଦୈନନ୍ଦିନ ଆବଶ୍ୟକତା ପାଇଁ ଉତ୍କଟ ଜଳର ଅଭାବ ଅସ୍ତବ୍ୟସ୍ତ କରିଦେଇଥିଲା ସହରୀ ଜୀବନକୁ । ଥରହର ହୋଇ ପଡ଼ିଥିଲେ ଓଡ଼ିଶାବାସୀ । ଏମିତିକି ଓଡ଼ିଶାର ବଡ଼ ଠାକୁର ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ପତିତପାବନ ବାନା ଉଡ଼ିଯାଇଥିଲା । ଏସବୁ ଘଟଣା ଦୁର୍ଘଟଣାର ଝଲକକୁ ନେଇ ଅଙ୍କିତ ହୋଇଛି ଛବି - 'ତାଣ୍ଡବ ୧୯-୨୦' ।
ଏହା ମୁଦ୍ରଣ କଳାର ଏକ ଅଂଶ - 'wood cut print' ମାଧ୍ୟମରେ ୨ ଫୁଟ୍ X୨.୫ ଫୁଟ୍ ମାପରେ ଅଙ୍କିତ ।



ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

# ଡ୍ୟାନ୍ସ କରୁ କରୁ ଚାଲିଗଲେ ନେପା



ବାଲ୍ୟକାଲୁ ଧନ ଧର୍ମ ମୁଁ ଅର୍ଜିବି ଏ ଜୀବନ ଅନିଶ୍ଚିତ, କେଜାଣେ କାହାର ମୃତ୍ୟୁକାଳ ଆସି ହୋଇଯିବ ଉପସ୍ଥିତ। ଏ କଥାର ମର୍ମ ଦୁନିଆର ସବୁ ମଣିଷଙ୍କ ପାଇଁ ଲାଗୁ ଯେମିତି। ଜନ୍ମ ଓ ମୃତ୍ୟୁ କାହା ହାତରେ ରହିଛି, ନା ରହିବ। କେହି କହିପାରିବନି କାହାର କେତେବେଳେ ମୃତ୍ୟୁ ଆସିଯିବ। ଜୀବନର ଏହି ଅନିଶ୍ଚିତତା ମଧ୍ୟରେ ମୃତ୍ୟୁର ଶୀତଳ କୋଳରେ ଶୋଇଯାଇଥିବା ଜଣେ ଯାତ୍ରା ଡ୍ୟାନ୍ସ ମାଷ୍ଟରଙ୍କ କରୁଣ କାହାଣୀ। ପୀତବାସ ନାୟକ ଓରଫ ନେପା ସାର୍। ଯାତ୍ରାରେ ଜଣେ ଜଣାଶୁଣା ଡ୍ୟାନ୍ସ ମାଷ୍ଟର ଭାବେ ଶହ ଶହ ଯାତ୍ରା ନାଟକରେ ନୃତ୍ୟ ନିର୍ଦ୍ଦେଶନା ଦେବା ସହିତ ନିଜର ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିପାରିଥିଲେ। ସେ ଏମିତି ଅକାଳରେ ଚାଲିଯିବେ କିଏ ବା ଜାଣିଥିଲା। ଆଖଡ଼ାଶାଳରେ ଡ୍ୟାନ୍ସ ଶିଖାଉ ଶିଖାଉ ଟଳି ପଡ଼ିଥିଲେ। କେହି କିଛି ବୁଝିବା ପୂର୍ବରୁ ସେ ଆଖି ବୁଜିଦେଇଥିଲେ। ଛାତିରେ ଅନୁଭବ କରିଥିଲେ ଯନ୍ତ୍ରଣା। ତାଙ୍କୁ ସାଙ୍ଗେ ସାଙ୍ଗେ ନିଆଯାଇଥିଲା ହସପିଟାଲ୍ କିନ୍ତୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଦେଇଥିଲେ। ଏ ଘଟଣାଟି ଘଟିଛି ଯାତ୍ରା ଯାଜ୍ଞସେନୀର ରିହର୍‌ସାଲ୍‌ରେ। ସେ ପିଲାମାନଙ୍କୁ ନାଚ ଶିଖାଉଥିବାବେଳେ ଘଟିଥିଲା ଏଭଳି ଅଘଟଣ। ଯାତ୍ରା ଯାଜ୍ଞସେନୀର ରିହର୍‌ସାଲ୍ କୋରେଇ ବ୍ଲକର ଷଠିପୁର ଠାରେ ଚାଲିଥିଲା। ନାଟକର ନିର୍ଦ୍ଦେଶନା ଦେଉଥିଲେ ଅଭିନେତା ଅଶ୍ରୁମୋଚନ ମହାନ୍ତି ଓ ନାଟ୍ୟକାର ଥିଲେ ଡ.ସୁଧାଂଶୁ ନାୟକ। ଜଣେ କଳାକାର ଭାବରେ ନେପାଙ୍କର ଥିଲା ଅନେକ ଅବଦାନ। ସେ ଜୀବନରେ ନୃତ୍ୟକୁ ହିଁ ବ୍ରତ ଭାବରେ ନେଇ ହଜାର ହଜାର ପିଲାଙ୍କୁ ନୃତ୍ୟଶିକ୍ଷା ଦେଇଛନ୍ତି। କେବଳ ଯାତ୍ରା କାହିଁକି ନିଜେ ମଧ୍ୟ ଏକ ନୃତ୍ୟ ଅନୁଷ୍ଠାନ କରି ଅନେକ କଳାକାର ସୃଷ୍ଟି କରିବାରେ ନେଇଥିଲେ ପ୍ରମୁଖ ଭୂମିକା। ଭଦ୍ରକ ବନ୍ତର ଗଭରପୁର ଗାଁରେ ନେପାଙ୍କର ଜନ୍ମ। ସେ ଥିଲେ ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟକାର ସୁଧାଂଶୁ ନାୟକଙ୍କର ଦାଦା ପୁଅ ଭାଇ।

ଚାଲିଥିଲା ନାଟକ ଆଖିର ଦୋଷ ନା ଲୁହର ଦୋଷ। ନାଟକର ଯବନିକା ପଡ଼ିବା ଆଗରୁ ସରିଯାଇଥିଲା ନେପାଙ୍କ ଜୀବନ ନାଟକର ଅନ୍ତିମ ଦୃଶ୍ୟ। ମାତ୍ର ଆଉ ଦୁଇଟି ସିନ୍ ପରେ ସରିଯାଇଥାନ୍ତା ନାଟକ। ସେତକ ସମ୍ଭବ ହୋଇପାରିଲା ନାହିଁ। ମାତ୍ର ଦୁଇଟି ସିନ୍ ବାକି ଥାଉ ଥାଉ ଜୀବନର ସଉଦା ନସରୁଣୁ ନେପା ବାହୁଡ଼ିଗଲେ ଯେ ଆଉ ଫେରିଲେ ନାହିଁ। ଅନେକଙ୍କ ଆଖିର ଲୁହରେ ସେ ଟଳମଳ ହୋଇ ରହିଗଲେ ସିନା ଛାତିର କୋହକୁ ଲିଭାଇ ପାରିଲେ ନାହିଁ। ଆଜି ସମସ୍ତଙ୍କ ଛାତିର ରୁଗ୍‌ରୁଗ୍ ଯନ୍ତ୍ରଣା ହୋଇ ସେମିତି ରହିଯାଇଛନ୍ତି। ତାଙ୍କ ପାଇଁ ସାରା ଯାତ୍ରା ଜଗତ ସ୍ତବ୍ଧ। ନିତିଦିନ ପକ୍ଷରୁ ନେପାଙ୍କ ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

# ଗରିବର ଦୁଃଖ ଦେଖୁଛି କିଏ ?



ଯାତ୍ରା ସ୍ୱର୍ଣ୍ଣମହଲରେ ଚହଳ ସୃଷ୍ଟି କରିଛି ନାଟକ ଗରିବର ଦୁଃଖ ଦେଖୁଛି କିଏ ? କାହାଣୀ, ରଚନା, ନିର୍ଦ୍ଦେଶନା ଓ ଗୀତ ଙ୍ଗ ଆଶୁତୋଷ ମହାପାତ୍ର ଦାୟିତ୍ୱ ନିଜେ ସମ୍ଭାଳିବା ସହ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି କୃପାସିନ୍ଧୁ ବେହେରା(ଏକନ) ଓ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଶୁଭେନ୍ଦୁ ଲେଙ୍କା। ଯାତ୍ରାଜଗତର ସୁପରଷ୍ଟାର ସୁବାସ ବେହେରା ପ୍ରମୁଖ ନାୟକ ଭାବରେ ଦର୍ଶକଙ୍କ ମନକିଣି ନେବା ସହିତ ନାୟିକା ଭାବନା ମଧ୍ୟ ତାଙ୍କ ସହ ତାଳ ଦେଇ ଚାଲିଛନ୍ତି। ଚଳିତବର୍ଷ ନାଟକଟି ବେଶ ବ୍ୟବସାୟିକ ସଫଳତା ହାସଲ କରିବ। ନାଟକ ମଞ୍ଚସ୍ଥ ହେବା ପରେ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିବା ସହ ରିପିଟ୍ ନାଟକ ଭାବରେ ପାର୍ଟି ମଞ୍ଚସ୍ଥ କରୁଛି। ଅନ୍ୟାନ୍ୟ ଷ୍ଟାରକାଷ୍ଟରେ ପ୍ରମୁଖ ଭୂମିକା ନେଉଥିବା କଳାକାରମାନେ ହେଲେ କମଲ, ପିଙ୍କି, ଯତୀନ, ଚାନ୍ଦିନୀ, ଲୁଲୁ, ନବ, ଜଳଧର, ଟୁଲୁ, ସୋନୀ, ମାନସୀ, ସୁନା, ତିତିଲି। ମାନସ ଓ ନମିତାଙ୍କ ସୁମଧୁର ସ୍ୱର ନାଟକକୁ ଆହୁରି ମନୋରଞ୍ଜନଧର୍ମୀ କରାଇଛି।



ଶୋହା ଅଲ୍ଲୀ ଖାନ୍

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com